## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ହାଇୱା: ଜଣେ ମୃତ

**ନୂଆପଡ଼ା,୩୦।୧୧ (ମକାରୁ ବେମାଲ):** ନୂଆପଡ଼ା ସଦର ମହକୁମା ଭେରା ଛକଠାରେ ଏକ ହାଇୱା ଧକ୍କାରେ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଲଦା ଗାଁର ବେଦବ୍ୟାସ ସାହୁ (୨୫)। ସୂଚନା ମୁତାବକ ଶୁକ୍ରବାର ରାତି ପ୍ରାୟ ୮ଟା ସମୟରେ ବେଦବ୍ୟାସ ଓ ସେହି ଗାଁର ପରଦେଶୀ ପାଣ୍ଡେ (୨୫) ବାଇକ୍‌ରେ ନୂଆପଡା ପଟେ ଆସୁଥିଲେ। ଏହି ସମୟରେ ନୂଆପଡା ପଟୁ ଯାଉଥିବା ହାଇୱା ଧକ୍କା ଦେବାରୁ ଦୁଇ ବାଇକ ଆରୋହୀ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ରାୟପୁର ନିଆଯାଉଥିବା ସମୟରେ ମହାସମୁନ୍ଦଠାରେ ବେଦବ୍ୟାସଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଯୁବକ ପରଦେଶୀ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶନିବାର ବେଦବ୍ୟାସଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ଗୋଲାମୁଣ୍ଡା,୩୦।୧୧ (ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ଦଶପୁର ଗାଁରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କିଶୋର ଚନ୍ଦ୍ର ସା (୨୨)। ସୂଚନାକ୍ରମେ କିଶୋର ଶୁକ୍ରବାର ବିଳମ୍ବିତ ରାତ୍ରିରେ ନବନିର୍ମିତ ଘରେ ମୋଟର ସାହାଯ୍ୟରେ ପାଣି ଦେବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶନିବାର ପରିବାର ଲୋକଙ୍କ ଏତଲା ପରେ ପୋଲିସ ଏକ ମାମଲା (ନଂ.୧୬/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ରୁପ୍ରାରୋଡ୍, ୩୦।୧୧(ସଞ୍ଜୀବ ଦାସ )** କଳାହାଣ୍ଡି ଜିଲା ରୁପ୍ରା ରୋଡ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଜୟ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଓ ଅନିଲ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳୁଆଡ ମନୋବୃତ୍ତି ନେଇ ଖେଳିବାକୁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ଓ ନିକୁଞ୍ଜ ବିହାରୀ ନାଗ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ଶିବରାମ ସାହୁ କ୍ରୀଡ଼ା ପରିଚାଳନା କରିଥିଲେ।

# ମାଫିଆଙ୍କ ନଜରରେ ସାହାଜଖୋଲ ଜଙ୍ଗଲ

**ବେଆଇନ ମକାଚାଷ ଯୋଗୁ ପଦାହେବାରେ ଲାଗିଛି**

**ଭବାନୀପାଟଣା,୩୦।୧୧(ଉତ୍ତମ କୁମାର ଦାଶ)**



ସାହାଜଖୋଲ ଜଙ୍ଗଲରେ ମକାଚାଷ।

କଳାହାଣ୍ଡି ଜିଲାର କୋକସରା ବ୍ଲକ୍‌ରେ ରହିଛି ସାହାଜଖୋଲ ଜଙ୍ଗଲ। ୧୨,୮୯୯ ହେକ୍ଟର ପରିବ୍ୟାପ୍ତ ଏହି ଜଙ୍ଗଲ ନବରଙ୍ଗପୁର ଜିଲାରୁ ଛତିଶଗଡ଼ ସହ କଳାହାଣ୍ଡିକୁ ସଂଯୋଗ କରୁଛି। ଏହି ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି ଭଟାପାନି, ଆନ୍ଦିଝରଣ, ସର୍ଗିପାନୀ, ଡୁମରେପାନି, ଗାଇବନ୍ଧା ଭଳି ଅନେକ ଛୋଟ ଛୋଟ ଗାଁ। ଆଉ ସେଠାରେ ବସବାସ କରନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ଏମାନଙ୍କୁ ଏହି ଜଙ୍ଗଲ ଜୀବନ ଓ ଜୀବିକା ଯୋଗାଇଥାଏ। ସେମାନେ ଜଙ୍ଗଲରୁ ମହୁଲ, ଚାହାର, କେନ୍ଦୁ, ହରିଡ଼ା, ବାହାଡ଼ା, ଅଁଳା, ତେନ୍ତୁଳି ଭଳି ଦ୍ରବ୍ୟ ସଂଗ୍ରହ ପରେ ତାହାକୁ ବିକ୍ରିକରି ପରିବାର ପ୍ରତିପୋଷଣ କରିଥାଆନ୍ତି। ବର୍ତ୍ତମାନ ପଶ୍ଚିମବଙ୍ଗ, ବିହାର ଭଳି ରାଜ୍ୟର ମାଫିଆମାନଙ୍କ ନଜରରେ ରହିଛି ଏହି ସାହାଜଖୋଲ ଜଙ୍ଗଲ। ସେମାନେ ଅବାଧରେ ଜଙ୍ଗଲ ମଧ୍ୟରେ ବେଆଇନ ମକା ଚାଷ କରିଆସୁଛନ୍ତି। ଶହ ଶହ ହେକ୍ଟର ଜଙ୍ଗଲ ଜମିକୁ ପଦା କରି ଏହି ଚାଷ କରୁଛନ୍ତି। ସେମାନେ ନିରୀହ ଆଦିବାସୀଙ୍କୁ ଅର୍ଥର ପ୍ରଲୋଭନ ଦେଖାଇ ତଥା ସେମାନଙ୍କୁ ମକାଚାଷରେ ନିୟୋଜିତ କରି ଲକ୍ଷ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଏହାକୁ ବିରୋଧକଲେ ସେମାନଙ୍କୁ ଧମକ ଦେଉଥିବା ନେଇ ସାହାଜଖୋଲ ଜଙ୍ଗଲ ସୁରକ୍ଷା ସମିତି ସଭାପତି ହେମନ୍ତ ମାଝୀ ଓ ସ୍ଥାନୀୟ ଆଦିବାସୀ ଯୁବକ ଭୁଜବଲ ସୌରୀ ଅଭିଯୋଗ ଆଣିଛନ୍ତି।

୨୦୨୧ରେ ଏହି ଜଙ୍ଗଲ ମଧ୍ୟରେ ଦେଖାଦେଇଥିଲା ଅଭାବନୀୟ ପରିସ୍ଥିତି। ବାହାର ରାଜ୍ୟର ମକା ବେପାରୀଙ୍କ ପ୍ରରୋଚନାରେ ପଡି ନବରଙ୍ଗପୁର ଜିଲାର ଆଦିବାସୀମାନେ ଭଟାପାନି, ଡୁମରେପାନି ଅଞ୍ଚଳକୁ ଧସେଇ ପଶି ଏହି ଜଙ୍ଗଲ ପଦା କରିବା ସହ ମକାଚାଷ ପାଇଁ ଉଦ୍ୟମ କରିଥିଲେ। ସେ ସମୟରେ ସେମାନେ କଳାହାଣ୍ଡି ଜିଲାର ଏହି ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଆଦିବାସୀ ଓ ଜଙ୍ଗଲ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ବିରୋଧର ଶିକାର ହୋଇଥିଲେ। ଫଳରେ ଏକ ବଡଧରଣର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏପରି କି ଏହି ଘଟଣା ଯାଇ ରାଜ୍ୟ ସରକାର ଓ ମାନବାଧିକାର କମିଶନ ପାଖରେ ପହଞ୍ଚିଥିଲା। ପରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲା ପ୍ରଶାସନର ମିଳିତ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ୬ ମାସ ମଧ୍ୟରେ ବାହାର ଜିଲା ଓ ରାଜ୍ୟର ଅନୁପ୍ରବେଶକାରୀ ସେହି ସ୍ଥାନ ଖାଲି କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିଛିଦିନ ପରେ ଅନୁପ୍ରବେଶକାରୀ ସେଠାରୁ ଚାଲିଯାଇଥିବା ବେଳେ ଏବେ ପୁଣି ଥରେ ସେହି ଅଞ୍ଚଳରେ ଆସର ଜମାଇଛନ୍ତି। ଏହାକୁ ନେଇ କିଛିଦିନ ତଳେ ଆଦିବାସୀମାନେ ଜଙ୍ଗଲ ତଳେ ଥିବା ଆମପାଣି ଜାତୀୟ ରାଜପଥ ୨୬କୁ ଅବରୋଧକରି ବିକ୍ଷୋଭ କରିଥିଲେ। ସୂଚନାଯୋଗ୍ୟ, ଏହି ଜଙ୍ଗଲ ମଧ୍ୟରେ ରହିଛି ଅଠରନଳା ଭଳି ୨୨ ଗୋଟି ପ୍ରାକୃତିକ ଝରଣା ଓ ଜଳପ୍ରପାତ। ଏହାସହ ଏହାର ମଧ୍ୟଭାଗରେ ରହିଛି ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରା। ଆଉ ଏହାକୁ ଲାଗି ଆକାଶକୁ ମୁଣ୍ଡ ଟେକି ରହିଥିବା ଡୋକରୀ ପାହାଡ ଓ ତଳଭାଗର ନିମ୍ନଗାମୀ ହେଉଥିବା ଡୋକରୀଦର ଜଳପ୍ରପାତ, ଯାହାକି ବେହେରା ନଦୀର ରୂପ ନେଇଛି। ଏହା ତଳିଆ ଅଞ୍ଚଳରେ ଅଧିବାସୀଙ୍କ ଜୀବନଜୀବିକାର ମୁଖ୍ୟ ଆଧାର ପାଲଟିଛି। ସେହିଠାରୁ ୨ କି.ମି. ପଥୁରିଆ ରାସ୍ତା ଦେଇ ଗଲେ ପଡ଼ିଥାଏ ଭରବଧାର ଜଳପ୍ରପାତ। ସେହିପରି ୩ଟି ପାହାଡ ଚଢ଼ି ଗଲେ ଦେଖିବାକୁ ମିଳିଥାଏ ପ୍ରାଗ୍ ଐତିହାସିକ ଯୁଗର ଗୁଡହାଣ୍ଡି ଗୁମ୍ଫାଚିତ୍ର। ସେଠାରେ ରହିଛି ୨ହଜାର ବର୍ଷର ପ୍ରାଚୀନ ଶିଳାଲିପି। ଆଉ ଏତେସବୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଥାଇ ସୁଦ୍ଧା ଜଙ୍ଗଲ ପଦା କରୁଛନ୍ତି ଜଙ୍ଗଲ ମାଫିଆ, ଯାହାକୁ ନେଇ ପୁଣି ଏକ ଆନ୍ଦୋଳନ ଦାନା ବାନ୍ଧୁଛି।

## ଜଳସେଚନ ଦାବିରେ ୩ରେ ରାଜପଥ ଅବରୋଧ



ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି।

**କୋକସରା,୩୦।୧୧ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

ଇନ୍ଦ୍ରାବତୀ ଜଳଭଣ୍ଡାରର ମେଗାଲିଫ୍ଟ ପ୍ରକଳ୍ପରୁ ଚଳିତ ରବି ଚାଷ ପାଇଁ ଜଳସେଚନ ବନ୍ଦ ନେଇ ବିଭାଗୀୟ ନିଷ୍ପତ୍ତି ପରେ ଏହାକୁ ବିରୋଧ କରି ଆସନ୍ତା ୩ତାରିଖରେ ଚାଷୀମାନେ କୋକସରା ବ୍ଲକର ମୋଟେର ଛକରେ ୨୬ନଂ. ଜାତୀୟ ରାଜପଥ ଅବରୋଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ପ୍ରାୟ ୧୮ କିମି ମେଗାଲିଫ୍ଟ କେନାଲ ଦ୍ୱାରା ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ଚାଷୀଙ୍କୁ ୨ବର୍ଷ ଧରି ରବି ଚାଷ ପାଇଁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ତେବେ ଚଳିତବର୍ଷ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇଥିବାରୁ ଜଳସେଚନ ବନ୍ଦ ପାଇଁ ମେଗାଲିଫ୍ଟ ପ୍ରକଳ୍ପ କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାକୁ ପ୍ରତିବାଦ କରି କୋକସରା ବ୍ଲକ ସଚେତନ କୃଷକ ମଞ୍ଚର ଆବାହକ ଶିବ ପ୍ରସାଦ ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ଚାଷୀନେତା, ଜନ ପ୍ରତିନିଧି ଓ ଶତାଧିକ ଚାଷୀ ରାସ୍ତା ଅବରୋଧ ଆନ୍ଦୋଳନରେ ସାମିଲ ହେବାକୁ ଅଣ୍ଟା ଭିଡିଛନ୍ତି। ଏଥିପାଇଁ ଡ଼ାକବାଜି ସାହାଯ୍ୟରେ ଚାଷୀଙ୍କୁ ଏକଜୁଟ ହୋଇ ପ୍ରତିବାଦରେ ଯୋଗଦେବାକୁ ଆହ୍ୱାନ କରାଯାଉଛି।





ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

## ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

**ନୂଆପଡ଼ା,୩୦।୧୧ (ମକାରୁ ବେମାଲ)**

ସ୍ଥାନୀୟ ପୋଲିସ ପଡିଆଠାରେ ଶନିବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା ଦୀପ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମଣିଷ ସମାଜ ପାଇଁ ପ୍ରାଣୀ ସମ୍ପଦ କିଭଳି ଅପରିହାର୍ଯ୍ୟ ସେ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସରକାର କୃଷି, ମତ୍ସ୍ୟ ଓ ପଶୁ ପାଳନ କ୍ଷେତ୍ରରେ ସୁବିଧା ସୁଯୋଗ ଯୋଗାଇ ଦେଉଥିବାରୁ ଜିଲାର କୃଷକମାନେ ତାର ଫାଇଦା ନେବାକୁ ବିଧାୟକ ଢୋଲକିଆ କହିଥିଲେ। ଏହି ଅବସରରେ ସଫଳ ଦୁଇ କୃଷକ ଗାୟତ୍ରୀ ରେଡ୍ଡୀ ସାରାବଙ୍ଗା ଓ ଇଗଲ ମାଝି ଡୁମେରପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ମୁଖ୍ୟ ପ୍ରାଣିସମ୍ପଦ ଅଧିକାରୀ ଡ. ଆଲୋକ କୁମାର ନାୟକ ସ୍ୱାଗତ ସମ୍ଭାଷଣ ଦେଇ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାପରେ ବୈଜ୍ଞାନିକଙ୍କ ସହିତ ଚାଷୀଙ୍କ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ବାସୁଦେବ ସୁନାନୀ, ଡ. ପରାଗ ଆଚାର୍ଯ୍ୟ, ସଚିଦାନନ୍ଦ ପଣ୍ଡା, ଅରୁଣ କୁମାର ବେହେରା, ମିଳନ ଚନ୍ଦ୍ରକାର ପ୍ରମୁଖ ଅଧିକାରୀ ଓ ବିଶେଷଜ୍ଞ ଯୋଗଦେଇ ଚାଷୀମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଘୋଡାନାଚ, ପଥପ୍ରାନ୍ତ ନାଟକ ପ୍ରଭୃତି ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଶେଷରେ ଜିଲା ମତ୍ସ୍ୟ ଅଧିକାରୀ ବିଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମରଣାନ୍ତକ ଆକ୍ରମଣ ଘଟଣା: ଜେଲ ଗଲେ ଅଭିଯୁକ୍ତ

**କଳମପୁର,୩୦।୧୧ (ଗଣେଶରାମ ବାଗ)**

କଳମପୁର ଥାନା ବରଗାଁ ଛକ ନିକଟରେ ଥିବା ଠିପି ଖୋଲା ମଦ ଦୋକାନ (ବାର)ରେ ଗତ ଅକ୍ଟୋବର ୨୭ରେ ମଦ ପିଇବା ଓ ଖାଇବା ନେଇ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଦୋକାନ ମାଲିକ ଗୁଣନିଧି ସାହୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଧର୍ମଗଡ଼ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ସୁରେଶ ଚନ୍ଦ୍ର ପ୍ରଧାନ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜକରି ଜେଲ ପଠାଇଥିବା ଜଣାପଡିଛି। ଅଭିଯୋଗକାରୀଙ୍କ ପକ୍ଷରୁ ଆଡିଶନାଲ ସ୍ପେସିଆଲ ପବ୍ଲିକ ପ୍ରସିକ୍ୟୁଟର ଧୀରେନ୍ଦ୍ର ନାଥ ପାତ୍ର ରହିଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ସନ୍ତୋଷ କୁମାର ମେହେର ବିଚାରପତିଙ୍କଠାରେ ନିଜ ପକ୍ଷ ରଖିଥିଲେ। ନରସିଂହ ସୁନାନୀଙ୍କ ଅଭିଯୋଗ କ୍ରମେ ବାର ମାଲିକ ସାହୁ ଜାତିଆଣ ଆକ୍ଷେପ କରି ଗୁଣ୍ଡା ଲଗାଇ ମରଣାନ୍ତକ ଆକ୍ରମଣ କରିଥିବାରୁ ତାଙ୍କ ସାଙ୍ଗ ଶେଷଦେବ ନାଏକ ଗୁରୁତର ଆହତ ହୋଇଥିବା ନେଇ ସେ କଳମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଦଳିତ ଆଦିବାସୀ ମହାସଂଘର ଲାଞ୍ଜିଗଡ଼ ବ୍ଲକ କମିଟି ଗଠିତ



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

**ଲାଞ୍ଜିଗଡ଼, ୩୦।୧୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସଦର ମହକୁମାରେ ଦଳିତ ଆଦିବାସୀ ମହାସଂଘର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ପରମାନନ୍ଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ମହାସଚିବ ଦେବି ପ୍ରସାଦ ସିନ୍ଧୁର, ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାସଂଘର ଲାଞ୍ଜିଗଡ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ହରିଶଙ୍କର ପାତ୍ର, କାର୍ଯ୍ୟକାରୀ ସଭାପତି ଜଗଦୀଶ ବେନିଆଁ, ପାତ୍ର ମାଝୀ, ଉପସଭାପତି ପରୀକ୍ଷିତ ନାଏକ, ଜଳଧର ପାତ୍ର, ହରିହର କୁମାର, ସରସ୍ୱତୀ ମୁଣ୍ଡା, ପ୍ରଦୀପ ମାଝୀ, ବିଷ୍ଣୁଚରଣ ଭୋଇ ମନୋନୀତ ହୋଇଥିଲେ। ସାଧାରଣ ସମ୍ପାଦକ ଭାବେ ଗୋପାଳଦାସ ମହାନନ୍ଦ, ସମ୍ପାଦକ ହରି ମାଝୀ, ରୁପେନ୍ଦ୍ର ଛତ୍ରିଆ, ଘାସି ମାଝୀ, ବନମାଳୀ ମାଝୀ, ଲଖଣ ମାଝୀ, ମହେନ୍ଦ୍ର କରୁଆଁ, କୋଷାଧ୍ୟକ୍ଷ ଭାବେ ଜଳନ୍ଧର ମାଝୀଙ୍କୁ ମନୋନୀତ କରାଯାଇଥିଲା। ସେହିପରି ମହିଳା ବିଭାଗ ସଭାନେତ୍ରୀ ଭାବେ ଫୁଲମେ ମାଝୀ, ଉପସଭାନେତ୍ରୀ ସୁଷମା ମାଝୀ, ନନ୍ଦିନୀ ବାଗ, ସାଧାରଣ ସମ୍ପାଦିକା ମମତା ଶବର, ସମ୍ପାଦିକା ଭାବେ ଯଶୋବନ୍ତୀ ନାଏକଙ୍କ ନାମ ଘୋଷଣା କରାଯାଇଥିଲା। ଉପଦେଷ୍ଟା ଭାବେ ପୂର୍ବତନ ବିଧାୟକ ଶିବାଜୀ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ଉଦୟ କୁମାର, ଲକିଧର ମାଝୀଙ୍କୁ ମନୋନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ବାଗ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଜିଲା ସାଧାରଣ ସମ୍ପାଦକ ଚାଙ୍ଗେର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ନୃତ୍ୟ ସଙ୍ଗମ’ର ଦ୍ୱିତୀୟ ସନ୍ଧ୍ୟା

**ଅନେକ ପ୍ରତିଭାଙ୍କୁ ବନାଇଛି ପ୍ରତିଭା ଅନୁଷ୍ଠାନ**

**ଭବାନୀପାଟଣା, ୩୦।୧୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଚାଲିଥିବା ‘ନୃତ୍ୟ ସଙ୍ଗମ’ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଧାନାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାଶ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ, କଳାହାଣ୍ଡି ଲେଖକ କଳା ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଞ୍ଜନ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡ. ମିଶ୍ର ପ୍ରତିଭା ଅନୁଷ୍ଠାନ ଅନେକ ପ୍ରତିଭାଙ୍କୁ ବନାଇଛି ଯେଉଁମାନେ ଆଜି ଦେଶ ତଥା ଦେଶ ବାହାରେ ନାମ କମାଇ ପାରିଛନ୍ତି ବୋଲି କହିଥିଲେ। ଅଞ୍ଜନ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁ ଗଦାଧର ବାରିକଙ୍କୁ ପ୍ରତିଭା ଲୋକ କଳାରତ୍ନ, ସୁଧର କୁମାର ରଥଙ୍କୁ ପ୍ରତିଭା ନାଟ୍ୟଶ୍ରୀ ସମ୍ମାନ, ଅଶୋକ କୁମାର ପଟ୍ଟନାୟକଙ୍କୁ ପ୍ରତିଭା କଳା ସଙ୍ଗଠକ ସମ୍ମାନ, ରଜତ ରାଜ ପାଣିଗ୍ରାହୀଙ୍କୁ ପ୍ରତିଭା ଯୁବ ଗବେଷକ ସମ୍ମାନ ଓ ପ୍ରତାପ ଚନ୍ଦ୍ର ଦାଶଙ୍କୁ ପ୍ରତିଭା କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୁଭସ୍ମିତା ମିଶ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଢ଼େମସା ନୃତ୍ୟ, ଆସାମର ବିହୁ ନୃତ୍ୟ, ଗୁରୁ ଭାରତ ଗୌରବ ଦାସ ଓ ସାଥିଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଫୋଲକଲ, ତେଲେଙ୍ଗାନ ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ ପକ୍ଷରୁ ଓଗୁଡୋଲୁ ନୃତ୍ୟ, ଗୁରୁ ଆଲୋକ ପଣ୍ଡା ଓ ସାଥିଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଭବାନୀପାଟଣା ମୟୁରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କୁ ରାତ୍ରି ଯାଏଁ ବାନ୍ଧି ରଖିଥିଲା।








# ଡ୍ରାଇଭର ମହାସଂଘର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଦେବଗଡ଼,୨୯।୧୧(ଶଶାଙ୍କ ଶେଖର ଝାଙ୍କର)**

ନୂଆଁ ବାଲିରୋଇସ୍ଥିତ ଦେବଗଡ ନୂତନ ବସଷ୍ଟାଣ୍ଡ ନିକଟସ୍ଥ ସରକାରୀ ଜମିରେ ଓଡ଼ିଶା ଡ୍ରାଇଭର ମହାସଂଘ, ଦେବଗଡ ଜିଲା ପକ୍ଷରୁ ଅଫିସ ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଏହାକୁ ଭାଙ୍ଗିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଓଡିଶା ଡ୍ରାଇଭର ମହାସଂଘ ଦେବଗଡ ଜିଲା ଶାଖା ପକ୍ଷରୁ ଏହି ନିର୍ଦ୍ଦେଶର ଦୃଢ ପ୍ରତିବାଦ କରାଯିବା ସହ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଘର ବହୁ କର୍ମକର୍ତ୍ତା ଓ ଶତାଧିକ ସଦସ୍ୟ ଦେବଗଡ ଜିଲା ଡ୍ରାଇଭର ମହାସଂଘ ସଭାପତି ଆଦିତ୍ୟ ପ୍ରସାଦ ବେହେରା ଓ ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହା ସହ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଡ୍ରାଇଭର ସଂଘର ଅଭିଯୋଗ ଅନୁଯାୟୀ


ଡ୍ରାଇଭର ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଉଛି।

**ନିର୍ମାଣାଧୀନ କାର୍ଯ୍ୟାଳୟ ଗୃହ ଭାଙ୍ଗିବା ନିର୍ଦ୍ଦେଶର ପ୍ରତିବାଦ**

ସମ୍ପୃକ୍ତ ସ୍ଥାନରେ ଗୃହ ନିର୍ମାଣ ପାଇଁ ପୂର୍ବତନ ଜିଲାପାଳଙ୍କଠାରେ ସେମାନେ ଲିଖିତ ଆବେଦନ କରିଥିଲେ। ପୂର୍ବତନ ଜିଲାପାଳ ଏହି ଆବେଦନକୁ ଗ୍ରହଣ କରିବା ସହ ଗୃହ ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଫଳରେ ଡ୍ରାଇଭର ମହାସଂଘ ପକ୍ଷରୁ ସେହି ସ୍ଥାନରେ ବୋରୱେଲ ଖୋଳାଯିବା ସହ ଗୃହ ନିର୍ମାଣ ପାଇଁ କଲମ ପିଲର ତିଆରି ସରିଛି। ମାତ୍ର ଜିଲା ପ୍ରଶାସନ ଏହାକୁ ବିରୋଧ କରିବା ସହ ସଂଘର ନିର୍ମାଣଧିନ କାର୍ଯ୍ୟାଳୟ ଗୃହ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଏହାକୁ ନେଇ ଡ୍ରାଇଭର ମହାସଂଘ ଅସନ୍ତୋଷ ପ୍ରକାଶ କରିବା ସହ ଶତାଧିକ ଡ୍ରାଇଭର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହା ପରେ ସଂଘର କର୍ମକର୍ତ୍ତାମାନେ ପୋଲିସ ଉପସ୍ଥିତିରେ ଜିଲାପାଳଙ୍କ ସହ ଆଲୋଚନା କରିବା ପରେ ସମାଧାନର ବାଟ ବାହାରିଥିବା ଜଣାପଡିଛି। ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ତଦନ୍ତ କରି ରିପୋର୍ଟ ଦେଲା ପରେ ଆବଶ୍ୟକତା ଅନୁଯାୟୀ ଗୃହ ନିର୍ମାଣ ପାଇଁ ଅନୁମତି ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଦେବଗଡ ଜିଲା ଡ୍ରାଇଭର ମହାସଂଘ ସଭାପତି ଆଦିତ୍ୟ ପ୍ରସାଦ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ରିଆମାଳ ବ୍ଲକ୍‌ରେ ରାଜ୍ୟର ସର୍ବାଧିକ ବର୍ଷା

**ଦେବଗଡ଼,୩୦।୧୧(ଶଶାଙ୍କ ଶେଖର ଝାଙ୍କର)**

ଶନିବାର ଓଡିଶାର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଓଡିଶାରେ ସର୍ବାଧିକ ବର୍ଷା ଦେବଗଡ଼ ଜିଲା ରିଆମାଳ ବ୍ଲକରେ ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରିଆମାଳ ବ୍ଲକରେ ୧୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଦେବଗଡ ଜିଲା ସଦର ମହକୁମାରେ ୧୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଜଣାପଡିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ସୂଚନା ଦିଆଯାଇଛି। ଦେବଗଡ ଜିଲାରେ ଶନିବାର ଦିନ ତମାମ ମେଘୁଆ ପାଗ ରହିଥିଲା। ଏଥିସହ ଦିନ ପ୍ରାୟ ୪ ଟା ପରେ ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଅନ୍ୟପଟେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ପୂର୍ବାନୁମାନ କରିଛି। ଏବେ ଅମଳ ସମୟ ରହିଥିବାରୁ ବର୍ଷାର ପରିମାଣ ବଢିଲେ ଅମଳ ହୋଇଥିବା ଧାନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି ।

# ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରୁ ସ୍କୁଟି ଚୋରି

**ଦେବଗଡ଼,୩୦।୧୧(ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରୁ ଶନିବାର ଏକ ସ୍କୁଟି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦେବଗଡ଼ ପୌରାଞ୍ଚଳ ରଙ୍ଗିଆଗୁଡା ସାହିରେ ଏକ ଭଡାଘରେ ରହୁଥିବା ହର କୁମାର ସାହୁ ସ୍କୁଟି ନଂ. ଓଡି ୧୯-ଏଫ-୦୭୨୧ ନେଇ ଇନ୍ଦିରାଗାନ୍ଧୀ ଷ୍ଟାଡିୟମକୁ ଫୁଟବଲ ଟୁର୍ନାମେଣ୍ଟ ଦେଖିବାକୁ ଯାଇଥିଲେ। ତେବେ ସନ୍ଧ୍ୟାରେ ହର ଘରକୁ ବାହାରିଥିଲେ ହେଁ ଯେଉଁ ସ୍ଥାନରେ ସ୍କୁଟି ରଖିଥିଲେ ସେଠାରେ ତାଙ୍କ ସ୍କୁଟି ନ ଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କଲା ପରେ ମଧ୍ୟ ସ୍କୁଟିର କୌଣସି ସନ୍ଧାନ ନ ମିଳିବାରୁ ଏହାକୁ କେହି ଚୋରି କରିନେଇଥିବା ସ୍ପଷ୍ଟ ହୋଇଥିଲା। ଏନେଇ ହର ଦେବଗଡ ଥାନାରେ ମୌଖିକ ଅଭିଯୋଗ କରିବାରୁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର



**ଦେବଗଡ଼,୩୦।୧୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍‌ସନ ଅନ୍ତର୍ଗତ ବାବାଜୀମଠ ଗ୍ରାମରେ ଶନିବାର ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଉତ୍ତୁଣିଆଁ ବାବାଜୀମଠ ଗ୍ରାମର ନିତ୍ୟାନନ୍ଦ ଶବର(୪୨) ସକାଳ ପ୍ରାୟ ୮ଟାରେ ଚାଷ ଜମିରେ ଧାନ କାଟୁଥିବାବେଳେ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ନିତ୍ୟାନନ୍ଦ ଚିତ୍କାର କରିବାରୁ ଆଖପାଖରେ ଥିବା ଗ୍ରାମବାସୀ ଧାଇଁ ଆସିବାରୁ ଭାଲୁଟି ସେଠାରୁ ପଳାଇଥିଲା। ତେବେ ନିତ୍ୟାନନ୍ଦଙ୍କ ମୁଣ୍ଡ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ସନ୍ଧ୍ୟାରେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଅଦିନିଆ ବର୍ଷା, ଚାଷ ନଷ୍ଟ ଆଶଙ୍କା

**ଝାରସୁଗୁଡା,୩୦।୧୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲାର ଲଇକେରା, କିମିରା, କୋଲାବିରା ତଥା ସଦର ବ୍ଲକରେ ଶୁକ୍ରବାର ରାତିରୁ ଲଗାଣ ବର୍ଷା ଓ ପବନ ଯୋଗୁ ଧାନଫସଲ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। ବହୁ ସ୍ଥାନରେ କଟା ହୋଇ ପଡିଥିବା ପେଟା ଧାନ, ଗଛରେ ଥିବା ଧାନ ବର୍ଷା ଓ ପବନରେ ମାଟିରେ ପଡିଯାଇଛି। ଏହି ଧାନଗୁଡିକ ରଙ୍ଗହୀନ ଓ ଗଜା ହେବା ସଙ୍ଗେ ସଙ୍ଗେ ବର୍ଷାପାଣିରେ ସଢି ଯିବାର ସମ୍ଭାବନା ରହିଛି। ଏପରିକି ଧାନଗୁଡିକ ଅମଳ କରି ବାହାରେ ରଖାଯାଇଛି। ବର୍ଷା ଓ ପବନ ଦ୍ୱାରା ରଙ୍ଗହୀନ ହେବା ସହିତ ଧାନର ଆଦ୍ରତା ବଢିଯାଇଛି। ଜମିରେ ଥିବା ଧାନଗଛଗୁଡିକ ୮/୧୦ ଦିନ ପର୍ଯ୍ୟନ୍ତ କଟାଯାଇ ପାରିବ ନାହିଁ। ଏଣୁକରି ଚାଷୀମାନେ ଚିନ୍ତାରେ ଅଛନ୍ତି। ଲଇକେରା ବ୍ଲକର ଚାଷୀ ସଙ୍ଗଠନର ମୁଖ୍ୟ ହେମନ୍ତ ସାଗର କୁମୁରା କୁହନ୍ତି, ଲଇକେରା ବ୍ଲକରେ ହୋଇଥିବା ଧାନ ଲଘୁଚାପ ଜନିତ ବର୍ଷା ଓ ପବନରେ ବହୁତ ପ୍ରଭାବିତ ହୋଇଛି। ଗତ ୨୦୨୩ ଖରିଫ ଫସଲ ସମୟରେ ମଧ୍ୟ ଲଘୁଚାପ ବର୍ଷା ହୋଇଥିଲା। ଏଥିରେ ୧୫୦ରୁ ୨୦୦ଏକର ଜମିରେ ଧାନଫସଲ ନଷ୍ଟ ହୋଇଥିଲା। ସରକାରୀ ସାହାଯ୍ୟ ପାଇଁ ବୀମା କମ୍ପାନୀ ରାଜସ୍ୱ ଓ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରିଥିଲେ। କିନ୍ତୁ ଏଯାଏଁ ଚାଷୀଙ୍କ ଯତିପୂରଣ ମିଳିନାହିଁ। ଯାହାଦ୍ୱାରା ଚାଷୀମାନେ ବହୁତ ଅସନ୍ତୋଷ ଅଛନ୍ତି ଓ ଆଗାମୀ ଡିସେମ୍ବର ୩ରେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଖୁଣ୍ଟଲାମାଳ ସରପଞ୍ଚ ତଥା ଚାଷୀ ନେତା ସୁଶାନ୍ତ ସାହୁ ଧାନ ଫସଲ ବର୍ଷା ଓ ପବନ ଦ୍ୱାରା ବହୁତ କ୍ଷତି ହୋଇଛି ବୋଲି କହିଛନ୍ତି। ଲଖନପୁର ବ୍ଲକର ଚାଷୀ ସଙ୍ଗଠନର ସଭାପତି ବୀରେନ୍ଦ୍ର ସାହୁ ଏବିଷୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଜଣାଇଛନ୍ତି। ମନ୍ତ୍ରୀ ପୂଜାରୀ ଏ ବିଷୟରେ ତଦନ୍ତ ପାଇଁ ଜିଲାପାଳଙ୍କ ସହିତ ଆଲୋଚନା କରିବୁ ବୋଲି କହିଛନ୍ତି। ସମଗ୍ର ଝାରସୁଗୁଡା ଜିଲାର ଚାଷୀମାନେ ଏହି ଲଘୁଚାପ ଜନିତ ବର୍ଷା ଓ ପବନ ଦ୍ୱାରା କ୍ଷତିର ସମ୍ମୁଖୀନ ହୋଇଛନ୍ତି। କ୍ଷତିର ଆକଳନ କରିବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଝାରସୁଗୁଡ଼ାରେ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍


ଝାରସୁଗୁଡାରେ କଲ୍ୟାଣ ଜୁଏଲର୍ସର ଶୁଭାରମ୍ଭ ମୁହୂର୍ତ୍ତ।

**ଝାରସୁଗୁଡା,୩୦।୧୧(ଆଶିଷ ରଞ୍ଜନ ଦାଶ)**

କଲ୍ୟାଣ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟଲେଟ (ନୂତନ ଶୋ'ରୁମ) ଶନିବାର ଝାରସୁଗୁଡ଼ାର ସର୍ବାହଲ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଥିଲେ, ଝାରସୁଗୁଡାଠାରେ ଆମେ ଆମର ନୂତନ ଶୋ'ରୁମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଗହଣାବ୍ରାଣ୍ଡ (କମ୍ପାନୀ) ଭାବେ ଆମେ ନୂଆ ମାଇଲଖୁଣ୍ଟ ହାସଲ କରିଛୁ ଏବଂ ଗ୍ରାହକଙ୍କ ଶପିଙ୍ଗ ଅଭିଜ୍ଞତାକୁ ବଢାଇବା ପାଇଁ ଏକ ସାମଗ୍ରିକ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ପ୍ରମୁଖ ପଦକ୍ଷେପ ନେଇଛୁ। ସେହିଭଳି ଉଦ୍‌ଘାଟନୀ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫରର ଶୁଭାରମ୍ଭ କରାଯାଇଛି। ଯେଉଁଥିରେ ପ୍ରିମିୟମ ଉତ୍ପାଦ ପାଇଁ ଗଢ଼ା ମଜୁରି ଉପରେ ୩୦% ରିହାତି ଲାଗୁ ହେଉଥିବା ବେଳେ ଗହଣା ବ୍ରାଣ୍ଡ ଟେ୍ରଣ୍ଡୁଲ ଓ ଆଣ୍ଟିକ ଗହଣା ପାଇଁ ଗଢ଼ା ମଜୁରି ଉପରେ ୩୫% ରିହାତି ପ୍ରଦାନ କରାଯାଉଛି। ଏହି ନୂଆ ଶୋ'ରୁମରେ କଲ୍ୟାଣ ଜୁଏଲର୍ସର ଲୋକପ୍ରିୟ ବ୍ରାଣ୍ଡ ମୁହୂରତ ବିବାହ ଗହଣା, ମୁଦ୍ରା -ହାତ ତିଆରି ଗହଣା, ନିମାହ ମନ୍ଦିର ଗହଣା, ଗ୍ଲୋ ଡ୍ୟାନସିଂ ହୀରା, ଲୀଲା ହୀରା ସହିତ ନୂଆ ଆଧୁନିକତାର ଗହଣା ଆଦି ଗ୍ରାହକଙ୍କ ପାଇଁ ରହିଛି।

# ଜଙ୍ଗଲ ନିଆଁ ପ୍ରତିକାର ଓ ପରିଚାଳନା ସମ୍ପର୍କିତ ବୈଠକ

**ଝାରସୁଗୁଡ଼ା,୩୦।୧୧(ଆଶିଷ ରଞ୍ଜନ ଦାଶ)**

ଶନିବାର ଅପରାହ୍ନରେ ଡିଏମ୍‌ଏଫ ହଲ ଠାରେ ଜିଲାସ୍ତରୀୟ ଜଙ୍ଗଲ ନିଆଁ ପ୍ରତିକାର ଓ ପରିଚାଳନା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଛି। ଝାରସୁଗୁଡା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, କେନ୍ଦୁଲିଫ ଡିଏଫ୍‌ଓ ସାଲଭିନ୍ଦର ସିଂ, ଝାରସୁଗୁଡା ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ,ଏସିଏଫ୍, ଜିଲା ବନ୍ୟପ୍ରାଣୀ ଅବୈତନିକ ସଂରକ୍ଷକ ପ୍ରହ୍ଲାଦ ନାଏକ, ବିଭିନ୍ନ ବିଭାଗ ଏବଂ ଶିକ୍ଷାନୁଷ୍ଠାନର ଅଧିକାରୀ, ସରପଞ୍ଚ, ଜିଲା ପରିବେଶ ସୁରକ୍ଷା ସମିତି ସଦସ୍ୟ,


ଜଙ୍ଗଲ ନିଆଁ ପ୍ରତିକାର ଓ ପରିଚାଳନା ସମ୍ପର୍କିତ ବୈଠକରେ ଉପସ୍ଥିତ ଅଧିକାରୀ।

ବନ ସୁରକ୍ଷା ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି ଯୋଗ ଦେଇଥିଲେ। ବୈଠକରେ ଜଙ୍ଗଲ ନିଆଁ ପ୍ରତିକାର ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ଏବଂ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥି ସହିତ ଜଙ୍ଗଲ ସଂଲଗ୍ନ ଗ୍ରାମବାସୀ, ପିଆରଆଇ ମେମ୍ବର, ବନ ସୁରକ୍ଷା ସମିତି ଓ ସ୍ଥାନୀୟ ଯୁବକମାନେ ଜଙ୍ଗଲ ନିଆଁ ପ୍ରତିକାର ଓ ପରିଚାଳନା ଦିଗରେ କିପରି ସକ୍ରିୟ ଭୂମିକା ଗ୍ରହଣ କରିପାରିବେ, ସଚେତନତା ମୂଳକ ବାର୍ତ୍ତା ସମ୍ବଳିତ ବୋର୍ଡ଼ ଲଗାଇବା ସହ ବନାଞ୍ଚଳରେ ଅଧିବାସୀମାନଙ୍କୁ ଜଙ୍ଗଲ ନିଆଁ ଲିଭାଇବା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ପ୍ରୋତ୍ସାହନ ପ୍ରଦାନ, ବନ ସୁରକ୍ଷା ସମିତିକୁ ନିଆଁ ଲିଭା ମେସିନ ଯୋଗାଇ ଦେବା ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ସହାୟତା ପ୍ରଦାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏଥି ସହିତ ଅନ୍ୟ ଏକ ବୈଠକରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ଜିଲାରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ତଥା ଜଙ୍ଗଲ ସଂଲଗ୍ନ ଅଞ୍ଚଳ/ଗ୍ରାମରେ ଜୀବନ ଜୀବିକାର ଉନ୍ନତିକରଣ ସମ୍ପର୍କରେ ଆଲୋଚନା ସହ ରେଳ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର ମିଳିତ ସହଯୋଗରେ ହାତୀମାନଙ୍କୁ ସୁରକ୍ଷା ଯୋଗାଇବା ସହ ଜନଜୀବନ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଫାଇନାଲରେ କୁଚିଣ୍ଡା ବିଏଫ୍‌ସି

**ଦେବଗଡ଼,୩୦।୧୧ (ଶଶାଙ୍କ ଶେଖର ଝାଙ୍କର)**

**ଷଷ୍ଠ ସର୍ବଭାରତୀୟ 'ପ୍ରଧାନପାଟ କପ୍' ଫୁଟ୍‌ବଲ ଟୁର୍ନାମେଣ୍ଟ**

ଦେବଗଡସ୍ଥିତ ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଷଷ୍ଠ ସର୍ବଭାରତୀୟ 'ପ୍ରଧାନପାଟ କପ୍' ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଶନିବାର କଟକର ଯୁବ ଜ୍ୟୋତି ଫୁଟବଲ କ୍ଲବକୁ ୩-୦ ଗୋଲରେ ପରାସ୍ତ କରି କୁଚିଣ୍ଡାର ବିଏଫ୍ସି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରୀ ଭାବେ ବିଜୟ କୁଲସୁରୀ, ସୁଧାଂଶୁ ସେଠ, ରାଜକୁମାର ମଣ୍ଡଳ ଓ ସାଗର ନାୟକ ପରିଚାଳନା କରିଥିଲେ। ହେମନ୍ତ କୁମାର ମହାପାତ୍ର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପ୍ରଧାନପାଟ କ୍ଲବର ସଭାପତି ବିକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱ ଓ ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଇଂ. ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଡିଶା ୱାର୍ଡମେମ୍ବର ସଂଘର ସଭାପତି ସନ୍ତୋଷ କୁମାର ସାହୁ, ବୁଢାପାଳ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ଲିଙ୍ଗରାଜ ସାହୁ ଓ ପ୍ରାକ୍ତନ ଫୁଟବଲ ଖେଳାଳି ମହମ୍ମଦ ନାସିର ଖାଁ ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଆଜିର ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ କୁଚିଣ୍ଡା ବିଏଫ୍ସିର ଖେଳାଳି ଚିନି କିସାନଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ସୁବାସ ଚନ୍ଦ୍ର ଭୋଇ, ମଛିନ୍ଦ୍ର ନାୟକ, ସଞ୍ଜୀବ ନାଏକ, ସଞ୍ଜୀବ ବେହେରା, ଶରତ ମେହେର, ଦୀପକ ବେହେରା, ରୂପକ ମାଝୀ, ଶୁକଦେବ ଭଞ୍ଜ, ଅନନ୍ତ ମେହେର, ଅଲେଖ ନାୟକ ଓ ପ୍ରଦୀପ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଥିବା ଜଣାପଡିଛି। ରବିବାର କୁଚିଣ୍ଡାର ବିଏଫ୍ସି ଓ ସୁନ୍ଦରଗଡର ଦୋସ୍ତି ବ୍ରଦର୍ସ ଫୁଟବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।






### ଦୁଇଦିନିଆ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଆରମ୍ଭ

ପାଟଣାଗଡ,୩୦।୧୧(ସଚ୍ଚିଦାନନ୍ଦ ମହାକୁର): ପାଟଣାଗଡ କବାଡି କ୍ଲବ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଦୁଇଦିନିଆ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଟଣାଗଡ ଏନଏସିସ୍ଥିତ ରମାଇ ହାଇସ୍କୁଲ ଖେଳପଡିଆଠାରେ ଶନିବାର ଆରମ୍ଭ ହୋଇଛି। ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ କବାଡି ଖେଳାଳିମାନେ ଯୋଗ ଦେଇଛନ୍ତି। ଅଜିତ ଭାଟି, ଲକ୍ଷ୍ମଣ ବୁଡେକ, ସ୍ୱାଗତ ତ୍ରିପାଠୀଙ୍କ ସମେତ କବାଡି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିଦ୍ୟୁତ୍ ବିଭ୍ରାଟ: ରୋଗୀ ସେବା ବ୍ୟାହତ

ବଲାଙ୍ଗୀର,୩୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)






ବିଦ୍ୟୁତ୍ ବିଭ୍ରାଟ ପରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର କମ୍ପ୍ୟୁଟର ପଞ୍ଜୀକରଣ କେନ୍ଦ୍ର ଠପ୍ ହୋଇପଡିଛି(ବାମ), ବିଦ୍ୟୁତ୍ କର୍ମଚାରୀମାନେ ମରାମତି କାମ କରୁଛନ୍ତି।

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଶୁକ୍ରବାର ରାତିରେ ବଡଧରଣର ବିଦ୍ୟୁତ୍ ବିଭ୍ରାଟ ହେବାରୁ ରୋଗୀ ସେବା ବ୍ୟାହତ ହୋଇଥିଲା। ମୁଖ୍ୟ ଟ୍ରାନ୍ସଫର୍ମରରୁ ହସ୍ପିଟାଲର ବିଭିନ୍ନ ୱାର୍ଡକୁ ଯାଇଥିବା କେବୁଲ ତାର ଜଳିଯିବାରୁ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯାଇଥିଲା। ରାତି ପ୍ରାୟ ସାଢ଼େ ୧୧ଟାରେ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ହସ୍ପିଟାଲର ବିଭିନ୍ନ ୱାର୍ଡ ଅନ୍ଧାର ହୋଇଯାଇଥିଲା। ଜେନେରେଟର ବ୍ୟବସ୍ଥାରେ କିଛି ସ୍ଥାନରେ ଆଲୁଅ ଥିଲେ ହେଁ ଅଧିକାଂଶ ସ୍ଥାନ ଅନ୍ଧାର ରହିଥିବାରୁ ରାତିସାରା ରୋଗୀ ଓ ସେମାନଙ୍କ ପରିଜନ ହନ୍ତସନ୍ତ ହୋଇଥିଲେ। ତେବେ ବିଦ୍ୟୁତ୍ ବିଭ୍ରାଟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ବିକଳ୍ପ ବିଦ୍ୟୁତ୍ ଅବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି। ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ସେମାନେ ରାତିରେ ହସ୍ପିଟାଲରେ ପହଞ୍ଚିଥିଲେ ମଧ୍ୟ ବିଶେଷ କିଛି କରିପାରି ନ ଥିଲେ। ଶନିବାର ସକାଳୁ ଜିଲା ତଥା ଜିଲା ବାହାରୁ ଏହି ମେଡିକାଲ କଲେଜ ହସ୍ପିଟାଲକୁ ଅଧିକ ରୋଗୀ ଆସିଥିଲେ। କିନ୍ତୁ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯାଇଥିବାରୁ ରୋଗୀ ପଞ୍ଜୀକରଣ କେନ୍ଦ୍ର ଅଚଳ ହୋଇଯାଇଥିଲା। କମ୍ପ୍ୟୁଟର ଚାଲୁ ନ ଥିବାରୁ ଓପିଡି ଟିକେଟ ରୋଗୀଙ୍କୁ ମିଳି ନ ଥିଲା। ଦୀର୍ଘ ସମୟ ପରେ ରୋଗୀଙ୍କୁ ହାତଲେଖା ଓପିଡି ଟିକେଟ ଦିଆଯାଇଥିଲା। ରୋଗୀମାନେ ଓପିଡିରେ ଡାକ୍ତରଙ୍କ ପରାମର୍ଶ ପାଇଥିଲେ। ତେବେ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଥିବାରୁ ଡାକ୍ତରଖାନାର ଏକ୍ସରେ, ଅଲଟ୍ରାସାଉଣ୍ଡ, ସିଟି ସ୍କାନ୍ ଏବଂ ନିଦାନ ବିଭାଗ ଠପ୍ ହୋଇଯାଇଥିଲା। ରୋଗୀମାନେ ଦୀର୍ଘ ସମୟ ଧରି ସେଠାରେ ଅଟକି ରହିଥିଲେ। ସେମାନେ କୌଣସି ସେବା ପାଇପାରି ନ ଥିଲେ। ଶନିବାର ସନ୍ଧ୍ୟା ସୁଦ୍ଧା ଏକ୍ସରେ ଏବଂ ଅଲଟ୍ରାସାଉଣ୍ଡ ୟୁନିଟ୍ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିଦାନ ବିଭାଗକୁ ବିଦ୍ୟୁତ ଯୋଗାଣ କରାଯିବା ପରେ ଅପରାହ୍ଣରେ ଏହା ଚାଲିଥିବା ଜଣାପଡିଛି। ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ନୂଆ କେବଲ ତାର ଲଗାଇ ଶନିବାର ଅପରାହ୍ଣ ୫ଟା ସୁଦ୍ଧା ବିଭିନ୍ନ ୱାର୍ଡରେ ବିଦ୍ୟୁତ୍ ଯୋଗାଣ ପୁନଃ କାର୍ଯ୍ୟକ୍ଷମ କରିଥିବା ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡା ସୂଚନା ଦେଇଛନ୍ତି। ରବିବାର ସକାଳ ସୁଦ୍ଧା ଏକ୍ସରେ, ଅଲଟ୍ରା ସାଉଣ୍ଡ ଏବଂ ସିଟି ସ୍କାନ୍ ସହ ଅନ୍ୟାନ୍ୟ ବିଭାଗକୁ ବିଜୁଳି ସଂଯୋଗ ସ୍ଥାପନ ହୋଇଯିବ ବୋଲି ସେ କହିଛନ୍ତି। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ହୋଇ ନ ଥିବାରୁ ରୋଗୀ ଓ ରୋଗୀ ପରିଜନ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ପରିସ୍ଥିତିରେ କୌଣସି ଜରୁରୀକାଳୀନ ସେବା ଯୋଗାଇବା କିଭଳି କାର୍ଯ୍ୟକାରୀ ହେବ ବୋଲି ରୋଗୀ ପରିଜନମାନେ କହିଛନ୍ତି। ଜିଲାର ଉପାନ୍ତ ଅଞ୍ଚଳଏବଂ ଜିଲା ବାହାରୁ ଆସିଥିବା ରୋଗୀମାନେ ନା ନା ସମ୍ମୁଖୀନ ହୋଇଥିବା କହିଛନ୍ତି।

**ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ**
- ଅନ୍ଧାରରେ ରହିଲେ ରୋଗୀ
- ଜଳିଗଲା କେବୁଲ, ଚାଲିଲାନି ଗୁରୁତ୍ୱପୂର୍ଣ୍ଣ ମେଶିନ୍
- ଏକ୍ସରେ, ଅଲଟ୍ରାସାଉଣ୍ଡ, ନିଦାନ ବିଭାଗରେ ରୋଗୀ ହଇରାଣ

# ଚିନାବାଦାମ, ହରଡ଼ ବିହନ ନ ପାଇବାରୁ ଅସନ୍ତୋଷ

ଲୋଇସିଂହା,୩୦।୧୧(ସୁଶାନ୍ତ ବାରିକ)

**ନଅଗାଁ(ଖ)ର ଅଧିକାଂଶ ଚାଷୀଙ୍କୁ ମିଳିନି**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଚାଷୀଙ୍କୁ ରବିଚାଷ ପାଇଁ ଚିନାବାଦାମ ଓ ହରଡ ବିହନ ମିଳୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିହନ ବଣ୍ଟନରେ ଅନିୟମିତତା ସମ୍ପର୍କରେ ବିଭାଗକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ବିଭ୍ରାନ୍ତିକର ତଥ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ନଅଗାଁ(ଖ), ସାନଟିକା, ତେନ୍ତୁଲିଖୁଣ୍ଟି, ଦାସପାଲି ଆଦି ଗ୍ରାମକୁ ନେଇ ନଅଗାଁ(ଖ) ପଞ୍ଚାୟତ। ବ୍ଲକ କୃଷି ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ରବିଚାଷ ପାଇଁ ବିଭାଗ ପକ୍ଷରୁ ନଅଗାଁ(ଖ) ପଞ୍ଚାୟତକୁ ଚିନାବାଦାମ ଓ ଡାଲି ଫସଲ ପାଇଁ ହରଡ କିଟ ଚାଷୀଙ୍କୁ ବଣ୍ଟନ କରାଯାଇଛି। ହେଲେ ପଞ୍ଚାୟତର ସଦର ଗାଁ ନଅଗାଁ(ଖ)ର ହାତଗଣତି ଚାଷୀଙ୍କୁ ଚିନାବାଦାମ ଓ ହରଡ ବିହନ ମିଳିଥିବା ବେଳେ ତେନ୍ତୁଲିଖୁଣ୍ଟି ଗ୍ରାମର ଅଧିକ ଚାଷୀଙ୍କୁ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ସରପଞ୍ଚ ତେନ୍ତୁଲିଖୁଣ୍ଟି ଗ୍ରାମର ହୋଇଥିବାରୁ ତାଙ୍କ ଗ୍ରାମର ଚାଷୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଝସକେତନ ମହାନନ୍ଦ, ନାରାୟାଣ ଛତ୍ରିଆ, ଆନନ୍ଦ ବିଶ୍ୱାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ପଞ୍ଚାୟତ ମୁଖ୍ୟାଳୟରେ ରହୁ ନ ଥିବାରୁ କିଏ ଚାଷୀ ଓ କିଏ ଅଣଚାଷୀ ସେ ଜାଣି ପାରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ପରିବାର ଉକ୍ତ କିଟ ହାତେଇଥିବା ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ କୃଷି କର୍ମଚାରୀ ଜୟନ୍ତୀ ନନ୍ଦ କହିଛନ୍ତି, ପଞ୍ଚାୟତକୁ ୧୦ ହେକ୍ଟର ଚିନାବାଦାମ ବିହନ ଆସିଥିଲା। ୪୯ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଛି। ୭ରୁ ୮ ଜଣ ଚାଷୀ ନଅଗାଁ(ଖ)ର ରହିଛନ୍ତି। ହରଡ ଡାଲି ବିହନ ଏକ ଏନଜିଓ ତରଫରୁ ବଣ୍ଟା ଯାଇଥିବା ସେ କହିଛନ୍ତି। ସୋରିଷ, ଆଳୁ ଓ ଗହମ ଚାଷ ପାଇଁ ଚାଷୀଙ୍କୁ କୁହାଯାଉଛି। କେହି ଚାଷୀ ଆଗଭର ହେଉନାହାନ୍ତି ବୋଲି ସେ କହିଛନ୍ତି।

# ମାହେଶ୍ୱରୀ ସେନା ଏବଂ ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର




ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ମୁରିବାହାଲ,୩୦।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ମୁଖ୍ୟାଳୟସ୍ଥିତ ଫରେଷ୍ଟ ବଙ୍ଗଳାଠାରେ ଶନିବାର ଦିନ ମା' ମାହେଶ୍ୱରୀ ସେନା ଏବଂ ବଜରଙ୍ଗ ଦଳ ମୁରିବାହାଲ ପ୍ରଖଣ୍ଡ ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ମାହେଶ୍ୱରୀ ସେନାର ସଭାପତି ଏସ.କେ. ମହାକୁର ଏବଂ ବଜରଙ୍ଗ ଦଳ ମୁରିବାହାଲର ପ୍ରଖଣ୍ଡ ସଂଯୋଜକ ପଦ୍ମଲୋଚନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ମୁରିବାହାଲ ପଞ୍ଚାୟତ ସମିତିର ଅଧ୍ୟକ୍ଷ ହରିବନ୍ଧୁ ମେହେର ଯୋଗଦେଇ ରକ୍ତଦାନ ମହାପୂଣ୍ୟ ଓ ରକ୍ତ ପାଇଁ କୌଣସି ବ୍ୟକ୍ତି ମୃତ୍ୟୁବରଣ ନ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ସିଏଚସି ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରାକେଶ ପଣ୍ଡିତ, ଡ. ଇପ୍ସିତା ବେହେରା,ମୁରିବାହାଲ ସିଡିପିଓ ପୂର୍ଣ୍ଣିମା ବୈଠାରୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଏହି ଶିବିରରେ ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାୟକଙ୍କ ସମେତ ପ୍ରାନ୍ତ ସହ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର ଏବଂ ଟିଟିଲାଗଡ଼ ଜିଲା ସଂଯୋଜକ ରାଜେଶ କୁମାର ପଟ୍ଟନାୟକ ଉପସ୍ଥିତ ରହି ବଜରଙ୍ଗ ଦଳର ଆଭିମୁଖ୍ୟ ଏବଂ ରକ୍ତଦାନର ଉପକାରିତା ସମ୍ବନ୍ଧରେ ନିଜ ନିଜର ମତ ରଖିଥିଲେ। ଶିବିରରେ ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ରକ୍ତଦାତା ରକ୍ତଦାନ କରିଥିଲେ। କଣ୍ଟାବାଞ୍ଜି ରକ୍ତଭଣ୍ଡାରର ଟେକନିସିଆନ ଗଜପତି ବେହେରା, କୁନାଲ ଦାସ, ଶିବ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ ଏବଂ ପ୍ରଦୀପ ମହାପାତ୍ର ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସେହିପରି ଏଥିରେ ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ମାନସ ଖଣ୍ଡଗିରି, ବେଲପଡା ପ୍ରଖଣ୍ଡ ସଂଯୋଜକ ସୁରେଶ ଡାଙ୍ଗ,ସଇଁତଳା ପ୍ରଖଣ୍ଡ ସଂଯୋଜକ ରାକେଶ କୁମାର ସାହୁ,ଜିଲା ଗୋ ରକ୍ଷା ପ୍ରମୁଖ ସୁଧାଂଶୁ ପୋଡ଼ ଯାଦବ, ମୁରିବାହାଲ ଦୁର୍ଗା ବାହିନୀର ସହ ସଂଯୋଜିକା ସୋନାଲି ପ୍ରଭା ସାହୁଙ୍କ ସମେତ ମୁରିବାହାଲ ମାହେଶ୍ୱରୀ ସେନାର ଉପସଭାପତି ରାହୁଲ ପଧାନ, ଲବ ପଧାନ, ସମ୍ପାଦକ ପ୍ରଦୀପ ବଘାର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୨୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଗୁଡ଼ଭେଲା,୩୦।୧୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମସ୍ଥିତ ଇଣ୍ଟର ନ୍ୟାଶନାଲ ସ୍କୁଲ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଗୁଡ଼ଭେଲା ବ୍ଲକ ଶିକ୍ଷାଧିକାରୀ ରୁଷିଆ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତୋଷାଳୀ ବିଦ୍ୟାମନ୍ଦିରର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୨୦ଟି ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ସୁଧୀର କୁମାର ପ୍ରଧାନ ଓ ପ୍ରଦିପ୍ତ କିଶୋର ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ସ୍କୁଲର ପ୍ରିନ୍ସିପାଲ ଦିନେଶ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶ୍ୟାମସୁନ୍ଦର ସାହୁ, ଦେବେନ୍ଦ୍ର ଭୋଇ, ସୋନାଲି ସାହୁ, ସିଦ୍ଧାର୍ଥ ଜାଲ, ଯୁଧିଷ୍ଠିର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଉନ୍ନୟନ କାର୍ଯ୍ୟ ତଦାରଖ

ଟିଟିଲାଗଡ,୩୦।୧୧(ଶରତ ମିଶ୍ର)

ପୂର୍ତ୍ତ ବିଭାଗ ଉନ୍ନୟନ ସଚିବ ତଥା ବଲାଙ୍ଗୀର ଜିଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ବୀର ବିକ୍ରମ ଯାଦବ ନିକଟରେ ଟିଟିଲାଗଡ଼ ବ୍ଲକ ଖୋଲାଣ ପଞ୍ଚାୟତ ଗସ୍ତ କରିବା ସହ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ବଲାଙ୍ଗୀର ଜିଲା ଜଳ ସଂରକ୍ଷଣ ପ୍ରକଳ୍ପ ନେଇ ଜାତୀୟ ସ୍ତରରେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଥମ ପୁରସ୍କାର ଲାଭ କରିଥିବା ବେଳେ ଖୋଲାଣ ଅମୃତ ସରୋବର ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜିଲା ନୋଡାଲ ଅଧିକାରୀ ଯାଦବ ଖୋଲାଣ ଗସ୍ତ ସହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଖୋଲାଣ ଅମୃତ ସରୋବର, ନୌକା ବିହାର, ଶିଶୁ ଉଦ୍ୟାନ, ମୋ ଖୋଲାଣ ସେଲ୍ଫି ପଏଣ୍ଟ ବୁଲି ଦେଖି ସରପଞ୍ଚ ନରେଶ ଅଗ୍ରୱାଲଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଜଳାଶୟର ୱାକିଂ ଟ୍ରାକରେ ସୋଲାର ଲାଇଟ ବ୍ୟବସ୍ଥା, ବୟସ୍କଙ୍କ ପାଇଁ ପୋଖରୀ କଡରେ ବସିବା ବ୍ୟବସ୍ଥା ଆଦି ନେଇ ଉପସ୍ଥିତ ବଲାଙ୍ଗୀର ଜିଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ଉପଜିଲାପାଳ ରେହାନ ଖତ୍ରୀ, ବିଡ଼ିଓ ଚନ୍ଦ୍ରମଣି ନାଗଙ୍କୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଡେପୁଟି ଜିଲାପାଳ ସନ୍ୟାସିନୀ ମଲ୍ଲିକ, ଟିଟିଲାଗଡ଼ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦ୍ମକାନ୍ତ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଧୀରେନ୍ଦ୍ର ସାହୁ, ରାଧାକାନ୍ତ ମହାନ୍ତି, ଏପିଓ ଶୁଭ୍ରାଂଶୁ ଶେଖର ମହଣା ପ୍ରମୁଖ ଉପସ୍ଥିତ ଥିଲେ।

# ପରିବାର କଲ୍ୟାଣ ଅସ୍ତ୍ରୋପଚାର ହୋଇ ମହିଳା ଗୁରୁତର

ଲାଠୋର,୩୦।୧୧(ଭୁବନେଶ୍ୱର ବାରିକ)

**ସରକାରୀ ଭାବେ କ୍ୟାମ୍ପ ହେଉନାହିଁ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମସିଣା ଗ୍ରାମର ଜଣେ ମହିଳା ଗତ ୧୧ ତାରିଖରେ ବରଗଡ଼ ସହରରେ ଥିବା ଏକ ଘରୋଇ ହସ୍ପିଟାଲରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ହୋଇ ଘରକୁ ଆସିଲା ପରେ ଗୁରୁତର ହୋଇ ପଡ଼ିଛନ୍ତି। ସେ ଏବେ ପୁଣି ଚିକିତ୍ସିତ ହେଉଥିବା ଜଣାଯାଇଛି। ଯେଉଁ ମହିଳାମାନଙ୍କ ନିକଟରେ ବିଏସକେୱାଇ ସ୍ୱାସ୍ଥ୍ୟ ବୀମା କାର୍ଡ଼ ରହିଛି ସେହି ମହିଳାମାନଙ୍କୁ ବରଗଡ଼ର ଉକ୍ତ ଘରୋଇ ହସ୍ପିଟାଲ କାର୍ଡ଼ ଜରିଆରେ ୧୦ ହଜାର ୫ ଶହ ଟଙ୍କା ନେଇ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରୁଛି। ଏଣୁ ମସିଣା, ଲାଠୋର, ପିପଲବାହାଲ, ସାନଗୁର୍ଜିଭଟା, ଝଲିଆଲିଟି, ଜଲପାଙ୍କେଲ, ବେନ୍ଦେର, ସାହାଜପାଣି ଆଦି ଗ୍ରାମର ୪୪ ଜଣ ମହିଳା ଉକ୍ତ ଘରୋଇ ହସ୍ପିଟାଲକୁ ପରିବାର କଲ୍ୟାଣ ଅସ୍ତ୍ରୋପଚାର ପାଇଁ ଯାଇଥିଲେ। ଅସ୍ତ୍ରୋପଚାର ପରେ ହସ୍ପିଟାଲ ପକ୍ଷରୁ ମହିଳାମାନଙ୍କୁ ଘରକୁ ଯିବା ପାଇଁ ଛାଡ଼ି ଦିଆଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ମସିଣା ଗ୍ରାମର ଜଣେ ମହିଳାଙ୍କର ଘରକୁ ଆସିବା ପରେ ବାନ୍ତି ହୋଇଥିଲା। ପ୍ରାୟ ୩ ଦିନ ପର୍ଯ୍ୟନ୍ତ ବାନ୍ତି ବନ୍ଦ ନ ହେବାରୁ ସେ ଗୁରୁତର ହୋଇ ପଡିଥିଲେ। ଫଳରେ ପରିବାର ଲୋକେ ଭୟଭୀତ ହୋଇ ତାଙ୍କୁ ପୁଣି ସେହି ହସ୍ପିଟାଲକୁ ନେଇ ଏବେ ଚିକିତ୍ସା କରାଉଥିବା ସଂପୃକ୍ତ ମହିଳାଙ୍କ ସ୍ୱାମୀ ପ୍ରକାଶ କରିଛନ୍ତି। ସରକାରୀ ଭାବେ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର କ୍ୟାମ୍ପର ଆୟୋଜନ ହେଉ ନ ଥିବା ଯୋଗୁ ଘରୋଇ ହସ୍ପିଟାଲ ଏହାର ସୁଯୋଗ ନେଉଛନ୍ତି। ଆଶା କର୍ମୀମାନଙ୍କୁ ହାତ କରି କମିଶନର ପ୍ରଲୋଭନ ଦେଖାଇ ଏପରି କାର୍ଯ୍ୟ କରାଯାଉଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରିଥିବା ଅନ୍ୟ ମହିଳା ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କେମିତି ରହିଛି ତାର ତଦନ୍ତ ହେବାର ଆବଶ୍ୟକତା ରହିଛି ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଇନଚାର୍ଜ ଡ଼.ସୁରଜ କୁମାର ଦୀପଙ୍କୁ ପଚାରିବାରେ ଖପ୍ରଖୋଲ ବ୍ଲକରେ ମହିଳା ଓ ପ୍ରସୂତି ବିଶେଷଜ୍ଞ ଅଭାବ ରହିଛି। ଫଳରେ ଏପରି ସମସ୍ୟା ସୃଷ୍ଟି ହେଉଛି। ବେଳେବେଳେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମହିଳାମାନେ ଯାଇ ଅସ୍ତ୍ରୋପଚାର କରୁଛନ୍ତି ବୋଲି କହିଥିଲେ। ତେବେ ଏଠାରେ ଡ଼ାକ୍ତର ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ମହିଳାମାନଙ୍କ ସୁରକ୍ଷା ଦୃଷ୍ଟିରୁ କ୍ୟାମ୍ପ ଆୟୋଜନ କରିବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

# ପତିତପାବନ ଏକାଡେମୀର ୬୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ବଲାଙ୍ଗୀର,୩୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ପତିତପାବନ ଏକାଡେମୀର ୬୧ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଟାଉନ ବାଳକ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଡିପିଓ ପ୍ରଦୀପ କୁମାର ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ହେମନ୍ତ କୁମାର ସାହୁ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପତିତପାବନ ଏକାଡେମୀ ପୁରାତନ ଛାତ୍ର ଶଶୀଭୂଷଣ ପୁରୋହିତ, ଗୌରୀ ଶଙ୍କର ଅଗ୍ରୱାଲ, ପୂର୍ବତନ ଖେଳ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଟାଉନ ବାଳକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆର୍ଯ୍ୟବାଳା ମିଶ୍ର ଯୋଗଦାନ କରିଥିଲେ। ଶିକ୍ଷା ସହ କ୍ରୀଡାର ମହତ୍ତ୍ୱ ସମ୍ପର୍କରେ ଅତିଥିମାନେ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢ଼ୀ କ୍ରୀଡା ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଂଶୁପା ଭୋଇ ସଂଯୋଜନା କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତାରାଣୀ ମିଶ୍ର ବିବରଣୀ ଉପସ୍ଥାପନ କରିବା ସହ କ୍ରୀଡା ପରିଚାଳନା କରିଥିଲେ। ଟାଉନ ବାଳିକା ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ, ଟାଉନ ବାଳକ ବିଦ୍ୟାଳୟ କ୍ରୀଡା ଶିକ୍ଷକ ବିକାଶ ଦାସ, ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ସୌରଭ ପଧାନ ପ୍ରମୁଖ ସହଯୋଗ କରିଥିଲେ। ବାଳକ ଜୁନିୟର ବିଭାଗରେ ତରୁଣ କୁମାର ଦାସ ଏବଂ ବାଳକ ସିନିୟର ବିଭାଗରେ ଶୁଭମ୍ ବଗର୍ତ୍ତି ଚାମ୍ପିୟନ ହୋଇଥିଲେ। ଶେଷରେ ବିଦ୍ୟାଳୟ ସହଶିକ୍ଷୟିତ୍ରୀ ସୁନୀତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଖରିଫ ଧାନ ସଂଗ୍ରହ ନେଇ ସଚେତନତା ଶିବିର




ଖପ୍ରାଖୋଲ,୩୦।୧୧(ଅଭୟ ତ୍ରିପାଠୀ)

**ଏଫଏକ୍ୟୁ ମାନର ଧାନ ଦେଇ ଉଚିତ ମୂଲ୍ୟ ନେବାକୁ ବାର୍ତ୍ତା**

ସ୍ଥାନୀୟ ବ୍ଲକ ସଭାଗୃହଠାରେ ନିୟନ୍ତ୍ରିତ ବଜାର କମିଟି ତରଫରୁ ଖରିଫ ଧାନ ସଂଗ୍ରହ ନେଇ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗିମୁଣ୍ଡା ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ କ୍ଷମାନିଧି ଗଡତ୍ୟା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ସହକାରୀ ସମବାୟ ସମିତି ଉପ ପ୍ରବନ୍ଧକ ରଥ ହେମ୍ବ୍ରମ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ପ୍ରମୁଖ ଯୋଗଦେଇ ଏଫଏକ୍ୟୁ ମାନର ଧାନ ସଂଗ୍ରହ ଉପରେ ଆଲୋକପାତ କରିଥିଲେ। ଭଲ ମାନର ଧାନ ଦେଇ ଚାଷୀ ଉଚିତ୍ ମୂଲ୍ୟ ନେବାକୁ କହିଥିଲେ। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,ପ୍ୟାକ୍ସ ସଭାପତି, ଡିଇଓ, ରାଜସ୍ୱ ନିରୀକ୍ଷକ, ଭିଏଲଡବ୍ଲୁ, ଅଗ୍ରଣୀ ଚାଷୀ ଓ କୃଷକ ସାଥୀମାନେ ଯୋଗ ଦେଇଥିଲେ।

### କ୍ୱାଲିଟି ଆନାଲିଷ୍ଟ ନିଯୁକ୍ତିରେ ପୁରୁଣାଙ୍କୁ ଅଣଦେଖା

ଲୋଇସିଂହା,୩୦।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଧାନ କ୍ରୟ କମିଟି ନିଷ୍ପତ୍ତି ଅନୁଯାୟୀ ଡିସେମ୍ବର ୨ରୁ ଜିଲାରେ ଧାନ କ୍ରୟ କରାଯିବ। ଧାନ କ୍ରୟ ବେଳେ ମଣ୍ଡିରେ ନିଯୁକ୍ତ ହେଉଥିବା କ୍ୱାଲିଟ ଆନାଲିଷ୍ଟ ନିଯୁକ୍ତିରେ ପୁରୁଣାଙ୍କୁ ଅଣଦେଖା କରାଯାଇଛି। ବିଗତ ୩ ବର୍ଷ ଧରି ଆଉଟ ସୋର୍ସିଂରେ କାର୍ଯ୍ୟ କରୁଥିବା କ୍ୱାଲିଟି ଆନାଲିଷ୍ଟଙ୍କୁ ସୁଯୋଗ ଦିଆ ଯାଇନାହିଁ। ବାଙ୍ଗାଲୋରର ଏକ ସଂସ୍ଥା ପକ୍ଷରୁ ନୂତନ ବିଜ୍ଞପ୍ତି ପ୍ରକାଶ କରାଯାଇ ନୂତନ ପିଲାଙ୍କୁ ନିଯୁକ୍ତି ଦିଆଯାଇଛି। ଆର୍‌ଏମସି ସମ୍ପାଦକ ତଥା ଉପଜିଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଜଣାଇବାରୁ ସେ ମଧ୍ୟ ହାତ ଟେକି ଦେଇଛନ୍ତି। ନବାଗତଙ୍କୁ ନିଯୁକ୍ତିରେ କେଳଙ୍କାରି ହୋଇଥିବା ନେଇ ଜିଲା କ୍ୱାଲିଟ ଆନାଲିଷ୍ଟ ସଂଘ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ଜଣାଯାଇଛି।

# ଜିଲା ପ୍ରଶାସନ ସହ ମିଲର୍ସ ଆସୋସିଏଶନର ଆଲୋଚନା ବିଫଳ

ବଲାଙ୍ଗୀର,୩୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)

- ଧାନ କିଣାରେ ସାମିଲ ପାଇଁ ୭ ଦିନ ମହଲତ ମାଗିଲେ
- ରାଜ୍ୟ ସଂଘ ଦାବି ପୂରଣ ହେଲେ କରିବେ ଚୁକ୍ତି

ବଲାଙ୍ଗୀର ଜିଲାରେ ଆସନ୍ତା ଡିସେମ୍ବର ୨ରୁ ଧାନକିଣା ଆରମ୍ଭ ହେବ ବୋଲି ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଦାବି ପୂରଣ ନ ହେବା ଯାଏ ଜିଲାର ଧାନକିଣା ପ୍ରକ୍ରିୟାରେ ବଲାଙ୍ଗୀର ରାଇସ୍ ମିଲର୍ସ ଆସୋସିଏଶନ୍ ସାମିଲ ହେବନାହିଁ ପୂର୍ବରୁ କହିଥିଲା। ରାଜ୍ୟ ସଂଘର ୮ ଦଫା ଦାବି ପୂରଣ ହେବା ପରେ କଷ୍ଟମ୍ ମିଲିଂ ପାଇଁ ଚୁକ୍ତି କରାଯିବ ବୋଲି ମିଲର୍ସ ସଂଘ ଅଡି ବସିଥିଲେ। ଶନିବାର ସନ୍ଧ୍ୟାରେ ଜିଲା ପ୍ରଶାସନ ଏବଂ ବଲାଙ୍ଗୀର ରାଇସ ମିଲର୍ସ ଆସୋସିଏଶନ ମଧ୍ୟରେ ଆଲୋଚନା ହୋଇଥିଲା। ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଆସନ୍ତା ୨ ତାରିଖରେ ହେବାକୁ ଥିବା ଧାନକିଣା ପ୍ରକ୍ରିୟାରେ ମିଲର୍ସମାନେ ସାମିଲ ହୁଅନ୍ତୁ ବୋଲି କହିଥିଲେ। ତେବେ ମିଲର୍ସମାନେ ଏହାକୁ ମାନି ନ ଥିବା ଜଣାପଡିଛି। ଜିଲା ପ୍ରଶାସନ ଏବଂ ମିଲର୍ସ ଆସୋସିଏଶନ ଆଲୋଚନା ବିଫଳ ହୋଇଥିବା ଜଣାପଡିଛି। ମିଲର୍ସମାନେ କହିଛନ୍ତି ଯେ, ରାଜ୍ୟ ସଂଘ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ସ୍ୱତନ୍ତ୍ର ଭାବେ କିଛି ନିଷ୍ପତ୍ତି ନେଇପାରିବେ ନାହିଁ। ଧାନକିଣାରେ ସାମିଲ ହେବାକୁ ସେମାନଙ୍କୁ ଆହୁରି ୭ ଦିନ ମହଲତ ଦିଅନ୍ତୁ ବୋଲି ମିଲର୍ସ ଆସୋସିଏଶନ ଜିଲାପାଳଙ୍କୁ ଅନୁରୋଧ କରିଥିବା ଜଣାପଡିଛି। ଏହି ୭ ଦିନ ମଧ୍ୟରେ ରାଜ୍ୟ ସଂଘ ଦାବି ଉପରେ ସରକାର ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି। ଏଣୁ ସେମାନଙ୍କୁ ଆହୁରି ୭ ଦିନ ସମୟ ଦିଅନ୍ତୁ ବୋଲି ଲିଖିତ ଭାବେ ଜଣାଇ ଫେରିଥିବା ମିଲର୍ସ ସଂଘ ପକ୍ଷରୁ ଜଣାପଡିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୩୦ ତାରିଖରେ ରାଜ୍ୟ ମିଲର୍ସ ଆସୋସିଏଶନ (ଆରୋମା) ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ଦିଆଯାଇଥିଲା। ଉକ୍ତ ଦାବି ସମ୍ପର୍କରେ ସରକାର କିଛି ପଦକ୍ଷେପ ନେଇ ନ ଥିବାରୁ ମିଲର୍ସମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘ ୨୦ ବର୍ଷ ହେଲା ଗୋଟିଏ ଦରରେ ମିଲର୍ସମାନେ କଷ୍ଟମ୍ ମିଲିଂ ଚାର୍ଜ, ଟ୍ରାନ୍ସପୋର୍ଟିଂ ଚାର୍ଜ ପାଇ ଆସୁଛନ୍ତି। ଇତିମଧ୍ୟରେ ସମସ୍ତ ଜିନିଷର ଦରଦାମ ବୃଦ୍ଧି ହୋଇଥିଲେ ମଧ୍ୟ ମିଲର୍ସମାନଙ୍କ କଷ୍ଟମ୍ ମିଲିଂ ଚାର୍ଜ, ଟ୍ରାନ୍ସପୋର୍ଟିଂ ଚାର୍ଜ ବୃଦ୍ଧି ହେଉନାହିଁ। ଫଳରେ ପୂର୍ବ ଧାର୍ଯ୍ୟ ଦରରେ ଆଉ କାମ କରିପାରିବେ ନାହିଁ ବୋଲି ରାଜ୍ୟ ସଂଘ ସରକାରଙ୍କୁ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ମିଲର୍ସ ସଂଘ ପକ୍ଷରୁ ଏକ ବୈଠକ ଡକାଯାଇ ମିଲର୍ସମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କଷ୍ଟମ୍ ମିଲିଂ ପାଇଁ ଚୁକ୍ତି କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

# ଭିଜିଲା ଧାନ, ବଢ଼ିଲା ଚାଷୀଙ୍କ ଦୁଃଖ

**ଧାନ ସଂଗ୍ରହ ବେଳେ ବର୍ଷା**

- ଟୋକନ କଟକଣା ସାଜିଛି ବାଧକ
- ଜିଲାରେ ବଢ଼ୁଛି ଚାଷୀ ଅସନ୍ତୋଷ

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**


ଅତାବିରା ଅଞ୍ଚଳରେ ରାସ୍ତାପାର୍ଶ୍ୱରେ ପଡ଼ିଥିବା ଧାନ।

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୧୦ଦିନ ବିତିଯାଇଛି। କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଦେଖାଯାଇଥିବା ସମସ୍ୟା ସମାଧାନ ହୋଇପାରିନାହିଁ। ଟୋକନ ସମସ୍ୟା ଯୋଗୁ ଚାଷୀମାନେ ଅମଳ ଧାନକୁ ମଣ୍ଡି ଭିତରକୁ ନେଇ ପାରୁନାହାନ୍ତି। ଅନ୍ୟପଟେ ଶୁକ୍ରବାର ରାତିରୁ ହୋଇଥିବା ବର୍ଷା ଜିଲାର ଚାଷୀଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି। ଚାଷୀମାନେ କ୍ଷେତ, ଖଳା ଏବଂ ରାସ୍ତାପାର୍ଶ୍ୱରେ ଶୁଖାଇଥିବା ଧାନ ଭିଜି ଯାଇଛି। ମେଘୁଆ ପାଗ ଲାଗି ରହିଥିବା ଯୋଗୁ ପୁଣି ବର୍ଷା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି।

ବରଗଡ଼ ଜିଲାରେ ଗତ ୨୦ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ଜିଲାରେ ୨୨୯ମଣ୍ଡି ଖୋଲିଛି। ମଣ୍ଡି ଖୋଲିଛି ସତ, କିନ୍ତୁ ଟୋକନ କଟକଣା ଧାନ ବିକ୍ରିବଟାରେ ବାଧକ ସାଜିଛି। ଯେଉଁ ଚାଷୀମାନେ ଧାନ ଅମଳ କରିଛନ୍ତି, ସେଭଳି ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ରହିଛି। ଅପରପକ୍ଷେ ଧାନ ଅମଳ କରି ନ ଥିବା ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆଗୁଆ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟାରେ ଛନ୍ଦି ହୋଇଥିବା ଚାଷୀମାନେ ଅମଳ ଧାନକୁ ମଣ୍ଡି ଭିତରକୁ ନେଇ ପାରୁନାହାନ୍ତି। ଧାନ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନ ଥିବାରୁ ସେମାନେ କ୍ଷେତ, ଖଳା ଏବଂ ରାସ୍ତାଘାଟରେ ରଖିଛନ୍ତି।

ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ମଣ୍ଡି ଖୋଲିବାର ଯଥେଷ୍ଟ ପୂର୍ବରୁ ସେ ଧାନ ଅମଳ କରି ସାରିଛନ୍ତି। କିନ୍ତୁ ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଡିସେମ୍ବର ମାସ ୨୮ତାରିଖ ରହିଛି। ଫଳରେ ସେ ଅମଳ ଧାନକୁ କ୍ଷେତ, ଖଳାରେ ରଖିଥିବା କହିଛନ୍ତି। ସେହିପରି ସୋହେଲା ବ୍ଲକ ସରକଣ୍ଡାର ଚାଷୀ ହର ବଣିଆଁ ମଧ୍ୟ ଧାନ ଅମଳ କରିସାରିଛନ୍ତି। ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆସନ୍ତା ୨୦୨୫ ଜାନୁୟାରୀ ୨୧ତାରିଖରୁ ଫେବୃୟାରୀ ୧୯ତାରିଖ ରହିଛି। କେବଳ ଏହି ୨ଜଣ ଚାଷୀ ନୁହଁନ୍ତି, ଜିଲାରେ ଅଧିକାଂଶ ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଯାଇଛି।

ଚାଷୀ ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ଚାଷୀମାନେ ସେମାନଙ୍କ ଧାନ ଅମଳ ତଥା ବିକ୍ରି ଦିବସର ସମ୍ଭାବ୍ୟ ତାରିଖ ଉଲ୍ଲେଖ କରିଥାନ୍ତି। କିନ୍ତୁ ଟୋକନ ପ୍ରସ୍ତୁତି ସମୟରେ ତାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ଯୋଗୁ ସେଭଳି ସମସ୍ୟା ଉପୁଜିଛି ବୋଲି ଚାଷୀମାନେ କହିଛନ୍ତି। ସେହିପରି ଚାଷୀମାନେ ପଞ୍ଜୀକରଣ ସମୟରେ ଉଲ୍ଲେଖ କରିଥିବା ସେମାନଙ୍କ ଚାଷଜମି ଅନୁପାତରେ ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ଉଲ୍ଲେଖ କରିବା ବଦଳରେ ତାକୁ ଯଥେଷ୍ଟ ହ୍ରାସ କରି ଦିଆଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଚାଷୀମାନେ ଏଭଳି ସମସ୍ୟାରେ ରହିଥିବାବେଳେ ବର୍ଷା ଚାଷୀଙ୍କୁ ଆହୁରି ଚିନ୍ତାରେ ପକାଇ ଦେଇଛି। ତେବେ ଚାଷୀଙ୍କ ଅମଳ ଧାନକୁ ତୁରନ୍ତ ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜୟ କିଷାନ ଆନ୍ଦୋଳନ ଚେତାବନୀ ଦେଇଛି।

**ସଂକ୍ଷେପରେ**

## ପ୍ରତିଶ୍ରୁତି ମିଳିଲା, ଅନଶନରୁ ଓହରିଲେ

**ଅତାବିରା,୩୦।୧୧(ହୃଷୀକେଶ ଖମାରୀ):** ଘରଡ଼ିହ ପଟ୍ଟା ଦାବିରେ ଅତାବିରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ହୀରାକୁଦ ବିସ୍ଥାପିତ ପରିବାର ଅନଶନରେ ବସିଥିଲେ। ଏଥିରେ ୨୫ ବିସ୍ଥାପିତ ପରିବାର ସାମିଲ ହୋଇଥିଲେ। ଅନଶନସ୍ଥଳୀକୁ ବରଗଡ଼ ଉପଜିଲାପାଳ ପ୍ରସନ୍ନ ପାଣ୍ଡେ ପହଞ୍ଚି ଆସନ୍ତା ୩୦ଦିନ ମଧ୍ୟରେ ସମ୍ପୃକ୍ତ ୨୫ ପରିବାରକୁ ଘରଡ଼ିହ ପଟ୍ଟା ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସନ୍ଧ୍ୟା ପ୍ରାୟ ୬ଟା ୩୦ମିନିଟ୍‌ରେ ବିସ୍ଥାପିତ ପରିବାରମାନେ ଅନଶନରୁ ଓହରିଥିଲେ। ପ୍ରକାଶଥାଉକି, ଏପର୍ଯ୍ୟନ୍ତ ଅନେକ ହୀରାକୁଦ ବିସ୍ଥାପିତ ପରିବାରକୁ ଘରଡ଼ିହ ମିଳିପାରିନାହିଁ। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ପ୍ରତିବାଦରେ ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତି ସଭାପତି ଲୋକନାଥ ସାହୁଙ୍କ ନେତୃତ୍ୱରେ ବିସ୍ଥାପିତ ପରିବାର ଅତାବିରା ତହସିଲ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ।

## ଅଦିନ ବର୍ଷା, ଚାଷୀ କ୍ଷତିଗ୍ରସ୍ତ


ବର୍ଷାରେ ଭିଜିଥିବା ଧାନକୁ ଚାଷୀ ତାଲପୋଲିନ ଢାଙ୍କୁଛନ୍ତି।

**ସରଣ୍ଡା,୩୦।୧୧(ଯୁଧିଷ୍ଠିର ମହାପାତ୍ର)**

ଖରିଫ ଧାନ ଅମଳ ହେଉଥିବାରୁ ଚାଷୀ ରାସ୍ତା, କ୍ଷେତ ଖଳାରେ ଏଫ୍‌ଏକ୍ୟୁ ମାନର ଧାନ ପାଇଁ ଖରାରେ ଶୁଖାଇଛନ୍ତି। ଏପରିସ୍ଥିତିରେ ଶନିବାର ହଠାତ ପାଣିପାଗରେ ପରିବର୍ତ୍ତନ ହୋଇ ବରଗଡ଼ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ଶନିବାର ସକାଳୁ ଝିପିଝିପି ବର୍ଷା ହୋଇଛି। ଫଳରେ ବ୍ଲକର ସରଣ୍ଡା, ଭୋଇପାଲି, ଖଇରପାଲି ଆଦି ଗ୍ରାମର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପୁରୁଣା ଜାତୀୟ ରାଜପଥ ସରଣ୍ଡା ଅଞ୍ଚଳର ଚାଷୀ ଗୌରୀଶଙ୍କର ମହାପାତ୍ର, ରାଧେଶ୍ୟାମ ମହାପାତ୍ର, ଧ୍ରୁବ ଚରଣ ମହାପାତ୍ର, କିଶୋର ମହାପାତ୍ର, ଜୀତ ମହାପାତ୍ର, ଭୋଇପାଲି ଗ୍ରାମର ବିବେକାନନ୍ଦ ଭୋଇ, ଫକୀର ଭୋଇ, ବାଗବାହାଲ ଟିକ୍ରାର ପ୍ରଦୀପ ପ୍ରଧାନ, ଦିଲୀପ ପ୍ରଧାନ ପ୍ରମୁଖ ବହୁ ଚାଷୀ ଧାନ ଶୁଖାଇଥିବା ବେଳେ ଅଦିନ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ଟୋକନରେ ଥିବା ବିଳମ୍ବ ତାରିଖ ସହ ଅନ୍ୟାନ୍ୟ ସମସ୍ୟା ଯୋଗୁ ଚାଷୀ ମଣ୍ଡିକୁ ଧାନ ନେଇ ନ ପାରି ଏଣେତେଣେ ରଖିବା ସହ ଶୁଖାଇବା ବେଳେ ବର୍ଷାରେ ଭିଜିଯାଇଛି। ଏଣୁ ଶୀଘ୍ର ଟୋକନ ସମସ୍ୟା ଦୂର କରିବା ପାଇଁ ଚାଷୀ ମହଲରେ ଦାବି ହେଉଛି।

## ଆମଠାପଡ଼ାରେ ମାଣ୍ଡିଆ କ୍ଷେତ୍ର ଦିବସ

**ବଘିଆପଡ଼,୩୦।୧୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା ଗ୍ରାମ ପଞ୍ଚାୟତର ଆମଠାପଡା ଗ୍ରାମରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ବିଶ୍ୱ ଯୁବ କେନ୍ଦ୍ର ସହଯୋଗରେ ମାଣ୍ଡିଆ କ୍ଷେତ୍ର ଦିବସ ଓ କ୍ରପ କଟିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ରର ସଚିବ ମନୋଜ ମହାପାତ୍ର,ସଭାପତି ବସନ୍ତ କୁମାର ପ୍ରଧାନ, ପୂର୍ବତନ ଅଧକ୍ଷ ଡ.ନନ୍ଦ କିଶୋର ମହାକୁଡ଼ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ କୃଷି ଓଭରସିୟର ଅଜିତ ପ୍ରଧାନ, ବ୍ରାହ୍ମଣୀପାଲି କୃଷି ଗ୍ରାମ ସେବକ ଦିଲୀପ ସାହୁ ଓ ବଘିଆପଡା କୃଷି ଗ୍ରାମ ସେବକ ନମିତା ଦିସ୍ତିରି ଉପସ୍ଥିତ ଥିଲେ । ବିଶ୍ୱ ଯୁବ କେନ୍ଦ୍ର ବ୍ଲକ ସଂଯୋଜକ ସୁମନ ପରିଡ଼ା ଅତିଥି ପରିଚୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ଓଭରସିୟର ଏ.କେ. ପ୍ରଧାନ , କୃଷି ଗ୍ରାମ ସେବକ ଦିଲୀପ ସାହୁ , ନମିତା ଦିଶତ୍ରି ଚାଷୀମାନଙ୍କୁ ଜୈବିକ ପ୍ରଣାଳୀରେ ମାଣ୍ଡିଆ ଜାତୀୟ ଚାଷ କରି ଯେପରି କମ ଖର୍ଚ୍ଚରେ ଅଧିକ ଲାଭବାନ ହେବେ ଓ ମାଣ୍ଡିଆ ଚାଷର ଉପକାରିତା ବିଷୟରେ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ମାଣ୍ଡିଆ ଚାଷୀ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଯୁବ କେନ୍ଦ୍ର ଓ ଆଦର୍ଶ କୃଷି ଉତ୍ପାଦକ ପ୍ରତିଷ୍ଠାନର କମ୍ପାନୀ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସନାତନୀ ବ୍ରାହ୍ମଣ ସମାଜର ବୈଠକ

**ବରପାଲି,୩୦।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜର ଏକ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଛି। ସନାତନୀ ବ୍ରାହ୍ମଣ ସମାଜର ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ବିଭିନ୍ନ ଶାଖାର ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାସହିତ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତ ଅନୁଷ୍ଠିତ ହେବ। ୨୦୨୫ ଫେବୃୟାରୀ ୬ ତାରିଖରେ ଚାରିକର୍ମ ଓ ୭ ତାରିଖରେ ବ୍ରତ ଅନୁଷ୍ଠାନ କରାଯିବ ବୋଲି ସଭାରେ ପ୍ରସ୍ତାବ ଗ୍ରହଣ କରାଗଲା। ଏଥିପାଇଁ ଅରୁଣ କୁମାର ପଣ୍ଡା, ରମାକାନ୍ତ ତ୍ରିପାଠୀ, ବାଲ କିଶୋର ଖାଡଙ୍ଗା, ହୃଦାନନ୍ଦ ଦାଶ ବ୍ରତ କାର୍ଯ୍ୟକ୍ରମରେ ଆବାହକ ରହିଛନ୍ତି। ବୈଠକରେ ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ହେମନ୍ତ କୁମାର ମିଶ୍ର, ପଣ୍ଡିତ ପୀନାକି ଦାଶ, ନରେନ୍ଦ୍ର କୁମାର ହୋତା, ଡ. ସରୋଜ କୁମାର ଦାଶ, ଦାମୋଦର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଚାଷୀ ସଙ୍ଗଠନର ଫେରାଦ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ସଙ୍ଗଠନର କର୍ମକର୍ତ୍ତା।

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖାଯାଇଥିବା ସମସ୍ୟା ନେଇ ଜିଲା ଚାଷୀ ସଙ୍ଗଠନର ଏକ ପ୍ରତିନିଧି ଦଳ ଶନିବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବିଭିନ୍ନ ସମସ୍ୟା ଯୋଗୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ଅନେକ ଚାଷୀଙ୍କ ପଞ୍ଜୀକରଣ ଆଧାରରେ ଟୋକନ ଆସିନାହିଁ। ଅଧିକାଂଶ ଟୋକନରେ ଧାନ ବିକ୍ରି ଦିବସ ବିଳମ୍ବ ରହିଛି। ସେହିପରି ଚାଷୀଙ୍କୁ ବସ୍ତା (ଅଖା) ପାଇଁ ହଇରାଣ କରାଯାଉଛି। ଠିକ୍ ଭାବେ ବସ୍ତା ଯୋଗାଇ ଦିଆଯାଉ ନ ଥିବାବେଳେ ଚାଷୀଙ୍କୁ ନିଜ ବସ୍ତାରେ ଧାନ ଆଣିବା ସୁଯୋଗ ଦେଇ ମଣ୍ଡି ହ୍ୟାଣ୍ଡଲିଂ ବ୍ୟବସ୍ଥା କରାଯାଉନାହିଁ। ସେହିପରି ଏଫ୍‌ଏକ୍ୟୁ ଆଳରେ ଚାଷୀଙ୍କୁ ଭୟଭୀତ କରି ଶୋଷଣ କରାଯାଉଥିବା ଏବଂ କ୍ରୟକାରୀ ସଂସ୍ଥା ଦାୟିତ୍ୱ ନ ନେଇ ଚାଷୀଙ୍କୁ ମିଲର୍ସଙ୍କ ସହିତ ମୁଲଚାଲ କରିବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ସମସ୍ୟାର ତୁରନ୍ତ ସମାଧାନ କରି ମାର୍ଗଦର୍ଶିକା ଆଧାରରେ ବିଧି ରକ୍ଷା କରି ପଦକ୍ଷେପ ନେବା ଏବଂ ଚାଷୀଙ୍କ ଉପରେ ସମସ୍ତ ପ୍ରକାର ବେଆଇନ ଚାପ ପ୍ରୟୋଗରୁ କ୍ଷାନ୍ତ ରହିବା ପାଇଁ ଜିଲା ଚାଷୀ ସଙ୍ଗଠନ ଦାବି କରିଛି। ଚାଷୀ ସଙ୍ଗଠନର ଜୟକୃଷ୍ଣ ସାହୁ, କିଶୋର ଚନ୍ଦ୍ର ଦେବତା, ମୁକେଶ ମୁରାରୀ କେଡ଼ିଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ୬୬୨ କଲେଜ ସଂଘର ଜିଲାସ୍ତରୀୟ ବୈଠକ



ବୈଠକରେ ସଂଘର କର୍ମକର୍ତ୍ତାବୃନ୍ଦ।

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ଶନିବାର ଜିଲା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ସରୋଜକାନ୍ତ ଦେବତା ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସଂଘ ସମ୍ପାଦକ ସୁଶାନ୍ତ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଡ଼ିଶାର ଉଚ୍ଚଶିକ୍ଷା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ପ୍ରାୟ ୭୦ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଦୀର୍ଘ ୨୫ବର୍ଷରୁ ଅଧିକ ସମୟ ପାଠ ପଢ଼ାଇ ଶୂନ୍ୟହସ୍ତରେ ୬୬୨ବର୍ଗର ଅଧ୍ୟାପକ କର୍ମଚାରୀମାନେ ଅବସର ନେଉଛନ୍ତି। ତେଣୁ ଅବସରକାଳୀନ ଭୟଙ୍କର ପରିସ୍ଥିତିର ମୁକାବିଲା ପାଇଁ ଚାକିରି ସର୍ତ୍ତାବଳୀ ସହିତ ପେନସନ ଦାବିକୁ ତ୍ୱରାନ୍ୱିତ କରିବା ପାଇଁ ସଂଘକୁ ସକ୍ରିୟ କରାଯାଇ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସଂଘ ସଭାପତି ଅଧ୍ୟାପକ ଅଶୋକ ବେହେରା ସମବେତ ମାନସିକତା ରଖି ସଙ୍ଗଠନକୁ ମଜବୁତ ରଖିବା ହିଁ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ସମୟର ଆହ୍ୱାନ ବୋଲି କହିଥିଲେ। ଉପସଭାପତି ଗୋପାଳ ମିଶ୍ର, କୋଷାଧ୍ୟକ୍ଷ ସୁରେଶ ପରିଡ଼ା ସଂଘର କାର୍ଯ୍ୟପନ୍ଥା ଏବଂ ଆର୍ଥିକ ଦିଗକୁ ଉପସ୍ଥାପନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ବିଜୟ ମିଶ୍ର, ତରଣୀ ଦେବତା ପ୍ରମୁଖ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ମତବ୍ୟକ୍ତ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହ ସମ୍ପାଦକ ଅଧ୍ୟାପକ ଜଗଦୀଶ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## କୋଶଲ ସ୍କୁଲରେ ବିବିଧ ପ୍ରଦର୍ଶନୀ ମେଳା




**ସରଣ୍ଡା, ୩୦।୧୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ନୂଆଁଖାଇରପାଲି ସ୍ଥିତ କୋଶଲ ସ୍କୁଲରେ ବିବିଧ ପ୍ରଦର୍ଶନୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛ। ଏବେ ହେଉଛି ବିଜ୍ଞାନର ଯୁଗ। ଏହି ମେଳାରେ ବିଜ୍ଞାନ, ନୈତିକତା ଓ ଆଧ୍ୟାତ୍ମିକତାର ସମାହାରକୁ ପ୍ରାଧାନ୍ୟ ଦିଆଯାଇଛି । ଏହାଦ୍ୱାରା ଛାତ୍ରୀଛାତ୍ରମାନେ ସେମାନଙ୍କ ଦକ୍ଷତାର ବିକାଶ କରିପାରିବେ ବୋଲି ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରା ପ୍ରକାଶ କରିଥିବଲେ। ଏହି ପ୍ରଦର୍ଶନୀ ମାଧମରେ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ଓ ସାଂସ୍କୃତିକ ପ୍ରଭାବ ଉନ୍ନତି ନିଶ୍ଚିତ ଭାବେ ଜାଗ୍ରତ ହେବ ବୋଲି ବିଚାରକ ଲରମ୍ଭା କଲେଜର ଇତିହାସ ଅଧ୍ୟାପକ ସିଦ୍ଧେଶ୍ୱର ପ୍ରଧାନ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲରମ୍ଭା କଲେଜର ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସୁଭଦ୍ରା କୁମାରୀ ସାହୁ ଯୋଗଦେଇ ସମସ୍ତ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିରେ ସ୍କୁଲ ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ ପ୍ରମୁଖ ବିଚାରକଙ୍କ ସହ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ୨୦ ବିଜ୍ଞାନ, ୧୯ ସାମାଜିକ ଓ ୮୫୦ ଚିତ୍ର କଳା ହସ୍ତଶିଳ୍ପ କାରୁକାର୍ଯ୍ୟ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଗଞ୍ଜେଇ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୩୦।୧୧( ଅଜିତ କୁମାର ବାରିକ):**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଶନିବାର ଦିନ ଏକ ଗଞ୍ଜେଇ ମାମଲାର ବିଚାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୦।୧।୨୦୧୭ରେ ତତ୍କାଳୀନ ପୁରୁଣାକଟକ ଥାନା ଅଧିକାରୀ ନରେଶ ପ୍ରଧାନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ, ଏକ ମୋଟର ସାଇକେଲରେ ଫୁଲବାଣୀ ପଟୁ ବୌଦ୍ଧ ଆଡକୁ ଗଞ୍ଜେଇ ଚାଲାଣ ହେଉଛି । ଏନେଇ ପୋଲିସ କର୍ମଚାରୀମାନେ ଖୋର୍ଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥର ଡିଗିସିରା ଛକଠାରେ ଜଗି ରହିଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ଗଞ୍ଜେଇ ନେଇ ଆସୁଥିବା ବେଳେ ପୋଲିସ କର୍ମଚାରୀ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ଏକ ବସ୍ତାରେ ୨୦ କେଜି ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ । ଅଭିଯୁକ୍ତ ଜଣକ ଥିଲେ ବୌଦ୍ଧ ଥାନା ବହଲପଡା ଗ୍ରାମର ଭବେଶ ଭୋଇ । ପୋଲିସ ଗଞ୍ଜେଇକୁ ଜବତ କରିବା ସହ ଏନେଇ ପୁରୁଣାକଟକ ଥାନାରେ ନଂ ୮୩/୧୭ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ନମ୍ବର ୭୭/୧୭ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଅଭିଯୁକ୍ତ ଭବେଶ ଭୋଇଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରୁଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରାତିରେ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ବରଗଡ଼ ରେଳଷ୍ଟେଶନ, ବରାହଗୋଡ଼ା, ନାଗେନପାଲି, ଗାନ୍ଧୀଛକ, ବରଗଡ଼ ବସଷ୍ଟାଣ୍ଡ, ଭଟଲି ଛକ, ବିକାଶ ସ୍କୁଲ ଛକ, ଗୁରୁଦ୍ୱାରା ଛକ, ଥାନାଛକକୁ ଯାଇ ଅସହାୟ ଅବସ୍ଥାରେ ରହିଥିବା ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଶୀତବସ୍ତ୍ର ବଣ୍ଟନ ସମୟରେ ଟ୍ରଷ୍ଟର ରାଜକୁମାର ବନଛୋର, ବୃନ୍ଦାବନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଜନା ଦାସ, ଡା. ଶକ୍ତି କୁମାର ତ୍ରିପାଠୀ, ପରେଶ ମେହେର, ସୁରେନ୍ଦ୍ର ମିଶ୍ର ପ୍ରମୁଖ ଶୀତବସ୍ତ୍ର ପ୍ରଦାନ ପାଇଁ ଉକ୍ତ ଅନୁଷ୍ଠାନକୁ ସହଯୋଗ କରିଛନ୍ତି। ଆସନ୍ତା ୭ଦିନ ଧରି ଜିଲାର ବିଭିନ୍ନ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଟ୍ରଷ୍ଟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜିତ କୁମାର ନାଥ ସୂଚନା ଦେଇଛନ୍ତି।

## ୮ ଘଣ୍ଟା ପରେ ପରିତ୍ୟକ୍ତ କୂଅରୁ ଯୁବକ ଉଦ୍ଧାର

**ବାଉଁଶୁଣୀ,୩୦।୧୧(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ନୋଡାଲ ହାଇସ୍କୁଲ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ଦୀର୍ଘ ୮ ଘଣ୍ଟା ପରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟା ବେଳେ ଟିକିରାପଡ଼ା ଗ୍ରାମର ଜଣେ ଯୁବକ ତାଙ୍କ ବିଲକୁ ଆସିବା ବେଳେ କୌଣସି କାରଣରୁ ବାଟରେ ପଡୁଥିବା ପରିତ୍ୟକ୍ତ କୂଅରେ ପଡି ଯାଇଥିଲେ। ସେ ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରିଥିଲେ ମଧ୍ୟ କେହି ଜାଣି ପାରି ନ ଥିଲେ। ବହୁ ସମୟ ପରେ ପାଖରେ ଥିବା ବିଦ୍ୟାଳୟର ଶିକ୍ଷକମାନେ ପାଟି ଶୁଣି କୂଅ ପାଖକୁ ଆସି ଦେଖିଥିଲେ। ଏ ସମ୍ପର୍କରେ ବାଉଁଶୁଣୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କିନ୍ତୁ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକେ ଅପରାହ୍ନ ୪ଟାରେ ଦଉଡି ସାହାଯ୍ୟରେ ଯୁବକଙ୍କୁ କୂଅରୁ ଉଦ୍ଧାର କରିଥିଲେ। ତେବେ କିଏ ଏଭଳି ଭାବରେ କୂଅକୁ ଖୋଲା ରଖିଛି ତାର ତଦନ୍ତ ହୋଇପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ବିନିକ ଲେପ୍ରା ସୋସାଇଟିରେ ଯୋଗ ଶିବିର

**ସୋନପୁର,୩୦।୧୧(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଲେପ୍ରା ସୋସାଇଟି ସମ୍ମିଳନୀ କକ୍ଷରେ ଏକଦିବସୀୟ ଯୋଗ ଶିବିର ଯୋଗବିଦ ଗୋରେଖନାଥ ସାହୁଙ୍କ ମାର୍ଗଦର୍ଶନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଲେପ୍ରା ସୋସାଇଟିର ହାଇଦ୍ରାବାଦସ୍ଥିତ ମୁଖ୍ୟାଳୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଇଂ. ପ୍ରଶାନ୍ତ କୁମାର ନାଏକ ମୁଖ୍ୟ ଅତିଥି, ସମାଜସେବିକା ନୁଡ଼ିଆ ବେନାଇଟେଜ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଯୋଗ ସାଧନା ଦ୍ୱାରା ଶରୀର ଓ ମନକୁ କିପରି ସୁସ୍ଥ ରଖାଯାଇ ପାରେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସୁବର୍ଣ୍ଣପୁର କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ମିଶାଇ ୪୦ଜଣ କୁଷ୍ଠମୁକ୍ତ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସୋସାଇଟିର ସଂଯୋଜକ ନୃସିଂହ ଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡି ବଦଳରେ ମିଲ୍‌କୁ ଯାଉଛି ଧାନ

**ହେମାଲି ଆଣିଲେ ଅଭିଯୋଗ**

**ବରଗଡ଼,୩୦।୧୧(ପ୍ରେମାନନ୍ଦ ଖମାରୀ)**


ଜିଲାପାଳଙ୍କୁ ଫେରାଦ ହୋଇଥିବା ହେମାଲିବୃନ୍ଦ।

ବରଗଡ଼ ଜିଲାରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ଲାଗି ରହିଛି। ଶନିବାର ପଥର୍ଲା ଗ୍ରାମର ହେମାଲିମାନେ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ଚାଷୀଙ୍କ ଧାନ ମଣ୍ଡିକୁ ନ ଆସି ସିଧାସଳଖ ବିଭିନ୍ନ ରାଇସ୍‌ମିଲକୁ ଯାଉଛି ଏବଂ ଏଥିପାଇଁ ସେମାନଙ୍କ ଜୀବିକା ଉଜୁଡ଼ି ଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ବରଗଡ଼ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଦୀର୍ଘବର୍ଷ ହେଲା ସେମାନେ ଗୁଡ଼େଶିରା ମଣ୍ଡିରେ ହେମାଲି ଭାବେ କାର୍ଯ୍ୟ କରିଆସୁଛନ୍ତି। ଚାଷୀଙ୍କ ଧାନ ଯେତେବେଳେ ମଣ୍ଡିକୁ ଆସିଥାଏ, ସେହି ଧାନକୁ ସେମାନେ ଗାଡ଼ିରୁ ଓହ୍ଲାଇଥାନ୍ତି। ପୁଣି ମିଲ୍‌କୁ ଯିବାବେଳେ ଗାଡ଼ିରେ ଲୋଡ୍ କରିଥାନ୍ତି। ଏଥିରୁ ଯାହା ମିଳେ, ସେଥିରେ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି ବୋଲି ହେମାଲିମାନେ କହିଛନ୍ତି। କିନ୍ତୁ ଏଥର ମଣ୍ଡି ବଦଳରେ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଧାନ ଯାଉଥିବା ଯୋଗୁ ସେମାନେ ଧାନ ଲୋଡ୍ କିମ୍ବା ଅନ୍‌ଲୋଡ୍ କରି ନ ପାରି ବେରୋଜଗାର ହୋଇ ପଡ଼ିଥିବା ଅଭିଯୋଗ କରିଛନ୍ତି। ଫଳରେ ଏଥିପ୍ରତି ଦୃଷ୍ଟି ଦେଇ ସେମାନେ ପୂର୍ବଭଳି ଯେଭଳି ଧାନ ଲୋଡ୍ ଏବଂ ଅନଲୋଡ୍ କରିପାରିବେ, ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ମଲିଆ ସାହୁ, ପାଣ୍ଡବ ସାହୁ, ସୁଦାମ ସାହୁ, ଗୁରୁଦେବ ସାହୁ, ମନବୋଧ ସାହୁଙ୍କ ସମେତ ଅନେକ ହେମାଲି ନିବେଦନ କରିଛନ୍ତି।

## ଚୋରି ସୁନାଗହଣା ଜବତ, ୩ ଗିରଫ

ରାଉରକେଲା/ବନ୍ଧମୁଣ୍ଡା,୩୦।୧୧ (ସଙ୍ଗୀତା ଜେନା/ସୁବ୍ରତ ଡେ)

ଗତ ୨୧ ତାରିଖ ବିଳମ୍ବିତ ରାତିରେ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ସେକ୍ଟର-ଏ ଅଞ୍ଚଳରେ ଜଣେ ରେଳବାଇ କର୍ମଚାରୀ ଶିବ ଚରଣଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାବଜାରରକୈଳାଶ ଲେଙ୍କା(୨୦), ଗାମବସ୍ତିର କିଶୋର ବିଶ୍ୱାଳ(୨୭) ଏବଂ ଗୋପବନ୍ଧୁପାଲୀର ମନିଷା ଦାସ(୨୭)। ସେମାନଙ୍କ ନିକଟରୁ ସୁନା କାନଫୁଲ, ମୁଦି ଓ ରୂପା ଗହଣା ଜବତ ହେଇଛି। ପୋଲିସ ଏକ ମାମଲା (ନଂ.୨୫୨/୨୪) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ବିଦେଶୀ ମଦ ଚାଲାଣ, ୩ ଗିରଫ

**ରାଉରକେଲା,୩୦।୧୧(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନ ମାର୍ଗରେ ଶନିବାର ବିଦେଶୀ ମଦ ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବିହାର ଔରଙ୍ଗାବାଦର କିଙ୍ଗ୍ ଗୁପ୍ତା(୩୦), ଦୋକାନ ମ୍ୟାନେଜର ମନୋଜ ଧଳ(୪୪) ଏବଂ ସେଲ୍ସମ୍ୟାନ୍ ଦୀପକ ନାୟକ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେମାନଙ୍କ ନିକଟରୁ ୧୫ ଲିଟର ୫୮୦ ମିଲିଲିଟର ମଦ ଓ ଗୋଟିଏ ସ୍କୁଟି ଜବତ ହୋଇଛି।

# ଯୋଜନା ଠପ୍, ହିତାଧିକାରୀଙ୍କୁ ମିଳୁନି ସୁବିଧା

ରାଉରକେଲା,୩୦।୧୧(ସଙ୍ଗୀତା ଜେନା)

ନିର୍ମାଣ ଶ୍ରମିକମାନଙ୍କ ପାଇଁ ରାଜ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଓଡ଼ିଶା କୋଠାବାଡି ଓ ଅନ୍ୟ ନିର୍ମାଣରେ ନିୟୋଜିତ ଶ୍ରମିକଙ୍କ ପାଇଁ ଜିଲା ଶ୍ରମ କାର୍ଯ୍ୟାଳୟ ଜରିଆରେ ସାଇକେଲ, ଯନ୍ତ୍ରପାତି କ୍ରୟ, ତାଲିମ, ବିବାହ, ସନ୍ତାନଙ୍କ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା ସମେତ ଅନ୍ୟ ସୁବିଧାଯୋଗାଇ ଦିଆଯାଉଥିଲା। ତେବେ ଏସବୁ ମଧ୍ୟରୁ ଶିକ୍ଷା ସହାୟତା, ବିବାହ, ମୃତ୍ୟୁକାଳୀନ ସହାୟତା ବ୍ୟତୀତ ପ୍ରାୟ ସମସ୍ତ ଯୋଜନା ବନ୍ଦ ହୋଇଯାଇଛି। ରାଜ୍ୟରେ ନୂତନ ସରକାର ଶାସନକୁ ଆସିବା ପରେ ଏହିସବୁ ଯୋଜନା ଏକପ୍ରକାର ଠପ୍ ହୋଇପଡିଛି। ଫଳରେ ହିତାଧିକାରୀଙ୍କୁ ଯୋଜନାଗୁଡିକର ସୁଫଳ ମିଳୁନାହିଁ। ଅନ୍ୟପକ୍ଷେ ପୂର୍ବରୁ ହୋଇଥିବା ଅନିୟମିତତାକୁ ଦୃଷ୍ଟିରେ ରଖି ପେଣ୍ଡିଂ ଏବଂ ନୂତନ ଆବେଦନଗୁଡ଼ିକ କଡା ଯାଞ୍ଚ କରି କଲ୍ୟାଣ ରାଶି ପ୍ରଦାନ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ରାଉରକେଲା, ବିରମିତ୍ରପୁର, ସୁନ୍ଦରଗଡ଼, ରାଜଗାଙ୍ଗପୁର ମ୍ୟୁନିସିପାଲଟି ସମେତ ବାଲିଶଙ୍କରା, ବଡ଼ଗାଁ, ବିଶ୍ରା, ବଣେଇ, ଗୁରୁଣ୍ଡିଆ, ହେମଗିରି, କୋଇଡ଼ା, କୁଆଁରମୁଣ୍ଡା, କୁତ୍ରା, ଲହୁଣୀପଡ଼ା, ଲାଠିକଟା, ଲେଫ୍ରିପଡ଼ା, ନୂଆଗାଁ, ସବଡ଼େଗା, ଟାଙ୍ଗରପାଲୀ ଆଦି ଅଞ୍ଚଳରେ ୨୦୨୧-୨୦୨୪ ଜୁଲାଇ ପର୍ଯ୍ୟନ୍ତ ବିବାହ ସହାୟତା ରାଶି ୧୦୨୮ଜଣଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଉକ୍ତ ଅଞ୍ଚଳରେ ମୃତ୍ୟୁକାଳୀନ ସହାୟତା ରାଶି ୨୦୨୧-୨୪ ପର୍ଯ୍ୟନ୍ତ ୧୯୧୦ଜଣଙ୍କୁ ପ୍ରଦାନ କରାଯାଇଛି। ତେବେ ବିବାହ, ଶିକ୍ଷା ତଥା ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ୪ ହଜାରରୁ ଊର୍ଦ୍ଧ୍ୱ ଆବେଦନ ପେଣ୍ଡିଂ ରହିଛି। ଚଳିତ ମାସରେ ମାତ୍ର ୨ଶହ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଜୁନ୍ ମାସରେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଏହାର ୫ ପ୍ରତିଶତ କଲ୍ୟାଣକାରୀ ଯୋଜନା ରାଶି ବଣ୍ଟନ ହୋଇପାରିନାହିଁ। ୨୦୧୮ରେ ୪୧୯୫ଜଣ, ୨୦୧୯ରେ ୨୫୩୪ଜଣ, ୨୦୨୦ରେ ୩୪୯୪ ଜଣ, ୨୦୨୧ରେ ୫୬୦ ଜଣ, ୨୦୨୨ରେ ୬୫୫ ଜଣ, ୨୦୨୩ରେ ୧୦୮୨ ଏବଂ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ୨୮୫୧ ଜଣ ହିତାଧିକାରୀ ଅନ୍‌ଲାଇନ୍ ପଞ୍ଜୀକୃତ ହୋଇଛନ୍ତି। ସେହିପରି କୋଇଡ଼ା, ବିଶ୍ରା, ରାଜଗାଙ୍ଗପୁର, କୁତ୍ରା, ଟାଙ୍ଗରପାଲୀ, ସବ୍‌ଡେଗା, ବଣେଇ ଓ ରାଉରକେଲାରେ ମୋଟ ୯ ଜଣ ସହାୟକ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ହେଲେ ମଧ୍ୟ ଏଥିରେ ଫଳ ଶୂନ୍ ରହିଛି। ଏବେ ମଧ୍ୟ ଆବେଦନକାରୀମାନେ କେବଳ ଅପେକ୍ଷା ବ୍ୟତୀତ କୌଣସି ଉପାୟ ପାଉ ନ ଥିବା ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏ ନେଇ ଶ୍ରମିକ ନେତା ଦିଗମ୍ବର ମହାନ୍ତି ଅଭିଯୋଗ କରି କହିଛନ୍ତି, ବହୁ ପ୍ରକାର ସୁବିଧା ଓ କଲ୍ୟାଣକାରୀ ଯୋଜନା ଗୁଡ଼ିକ ପୂର୍ବ ସରକାର ଲାଗୁ କରିଥିଲେ। କ୍ରମଶଃ ସେଗୁଡ଼ିକ ବନ୍ଦ କରିଦିଆଯାଇଛି। ସରକାରୀ କଳର ଉଦାସୀନତା ଯୋଗୁ ଏପରି ହୋଇଛି। ଏହାର ସ୍ଥାୟୀ ପ୍ରତିକାର ନିହାତି ଆବଶ୍ୟକ ବୋଲି ମହାନ୍ତି କହିଥିଲେ। ଏ ସମ୍ପର୍କରେ ରାଉରକେଲା ଜିଲା ଯୁଗ୍ମ ସଂସ୍ଥାପକ ଶ୍ରମ କାର୍ଯ୍ୟାଳୟରେ ଥିବା ଡିଏଲ୍‌ଓ (କଲ୍ୟାଣ) ଯଶୋବନ୍ତ ଅମାତଙ୍କୁ ପଚରାଯିବାରୁ ସେ କହିଲେ, ପୂର୍ବରୁ ଅନ୍ୟ ରାଜ୍ୟରେ ଏପରି କଲ୍ୟାଣଯୋଜନା ଆବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଛି। ଆବେଦନକାରୀଙ୍କ ତଥ୍ୟ ତଥା ସ୍ୱତ୍ ଯାଞ୍ଚ କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ତିଆରି କରାଯାଇଛି। କାର୍ଯ୍ୟ ପ୍ରଣାଳୀରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବ୍ଲକ, ପଞ୍ଚାୟତ ଗୁଡ଼ିକରେ ହିତାଧିକାରୀଙ୍କୁ ରାଶି ପ୍ରଦାନ କରାଯାଉଛି। ନଭେମ୍ବରରେ ମୃତ୍ୟୁକାଳୀନ, ଶିକ୍ଷା ସହାୟତା ସମେତ ଅନ୍ୟ ଯୋଜନାରେ ମୋଟ ୨ ଶହ ହିତାଧିକାରୀଙ୍କୁ ୧କୋଟି ୯୦ ଲକ୍ଷ ୭୦ ହଜାର ୨ ଶହ ଟଙ୍କା ପ୍ରଦାନ କରଯାଇଛି ବୋଲି ଅମାତ କହିଥିଲେ।



ଉଦିତନଗରସ୍ଥିତ ଜିଲା ଯୁଗ୍ମଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ।

## ରାଉରକେଲାରେ କୋହଲା ପାଗ ସାଙ୍ଗକୁ ଲଗାଣ ବର୍ଷା


ରାଉରକେଲା ସହର ରିଂ ରୋଡ୍‌ରେ ବର୍ଷା।

ରାଉରକେଲା,୩୦।୧୧(ଦିନେଶ ମିଶ୍ର)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବାତ୍ୟା ଫେଙ୍ଗଲ ପ୍ରଭାବରେ ରାଉରକେଲା ସହରରେ ଶନିବାର ଝିପିଝିପି ବର୍ଷା ସାଙ୍ଗକୁ ଦିନ ସାରା କୋହଲା ପାଗ ଲାଗି ରହିଥିଲା। ଫଳରେ ସହରରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ବିଶେଷ ପ୍ରଭାବିତ ହୋଇଥିଲେ। ଏଥିସହ ସହରର ରାସ୍ତାଘାଟ ପାଣିକାଦୁଅରେ ଭର୍ତ୍ତି ହୋଇଯାଇଥିଲା। ଲଗାଣ ବର୍ଷା ଯୋଗୁ ଡେଲିମାର୍କେଟ ପରିବା ଗଦି ପ୍ରବେଶ ପଥରେ ପାଣିଜମି ରହି ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ରାସ୍ତାରେ କେବଳ ଜରୁରୀକାଳୀନ କାର୍ଯ୍ୟ ପାଇଁ କିଛି ବ୍ୟକ୍ତି ବିଶେଷଙ୍କୁ ରେନିକୋଟ୍ ନଚେତ ଛତା ଧରି ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ବର୍ଷା ଓ କୋହଲା ପାଗ ଯୋଗୁ ବଜାରରେ ଭିଡ଼ ନ ଥିଲା। ଏହି ଘୂର୍ଣ୍ଣିବଳୟ ପ୍ରଭାବ ପରେ ସହରରେ ଅଧିକ ଥଣ୍ଡା ହେବ ଆରଏସ୍‌ପି ପାଣିପାଗ ସୂଚନା ବିଭାଗ ପକ୍ଷରୁ ଜଣାପଡ଼ିଛି।



କାର୍ଯ୍ୟକ୍ରମରେ ଯୁବ ବୈଜ୍ଞାନିକ ମଧୁରେଶ ଦ୍ୱିବେଦୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ବ୍ରିକ୍ସ ସମ୍ମିଳନୀରେ ଏନ୍‌ଆଇଟିର ୨ ଯୁବ ବୈଜ୍ଞାନିକ

ରାଉରକେଲା,୩୦।୧୧(ସଙ୍ଗୀତା ଜେନା)

ବିକଶିତ ରାଷ୍ଟ୍ରୀୟ ଅର୍ଥବ୍ୟବସ୍ଥା ସଂଘ ଶୀର୍ଷକରେ ଥିବା ରାଷ୍ଟ୍ର ବ୍ରାଜିଲ୍, ରୁଷ୍, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା (ବ୍ରିକ୍ସ) ୯ମ ଯୁବ ବୈଜ୍ଞାନିକ ସମ୍ମିଳନୀ ରୁଷ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ୨ ଜଣ ଯୁବ ବୈଜ୍ଞାନିକ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ପାଇଛନ୍ତି। ସେମାନେ ହେଲେ ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗର ପ୍ରଫେସର ମଧୁରେଶ ଦ୍ୱିବେଦୀ ଏବଂ ସାମାଜିକ ବିଜ୍ଞାନର ସହକାରୀ ପ୍ରଫେସର ମେଧା ନାୟକ। ଉକ୍ତ ସମ୍ମିଳନୀ ନଭେମ୍ବର ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ରୁଷ୍‌ର ସୋଚିଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଫୋରମ୍‌ରେ ବ୍ରିକ୍ସର ସଦସ୍ୟମାନଙ୍କ ସମେତ ଇରାନ, ଇଜିପ୍ଟ, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ଇଥିଓପିଆରୁ ୧୫୦ ଜଣ ଯୁବ ବୈଜ୍ଞାନିକ ଯୋଗ ଦେଇଥିଲେ। ବ୍ରିକ୍ସ ସମ୍ମିଳନୀରେ ପ୍ରଫେସର ଦ୍ୱିବେଦୀ ସ୍ଥାୟୀ ଭବିଷ୍ୟତ ପାଇଁ ପ୍ରକୃତି ଏବଂ ପରିବର୍ତ୍ତିତ ବୈଷୟିକ ବିଜ୍ଞାନ ତଥା ପ୍ରଫେସର ନାୟକ ଡିଜିଟାଲ ମାନବିକତା ଫ୍ରେମ୍‌ୱାର୍କରେ ମାନବ ଓ ହାତୀ ପାରମ୍ପରିକ ସମ୍ପର୍କ ଉପରେ ଉପସ୍ଥାପନ କରିଥିଲେ। ଏଥିପାଇଁ ଶନିବାର ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ଏକ ବିଶେଷଜ୍ଞ କମିଟି ୧୨ ଜଣ ଯୁବ ବୈଜ୍ଞାନିକଙ୍କୁ ଚୟନ କରିଥିଲେ। ସେମାନଙ୍କ ମଧ୍ୟରେ ଉକ୍ତ ଏନ୍‌ଆଇଟିର ୨ଜଣ ବୈଜ୍ଞାନିକଙ୍କୁ ଯୋଗ ଦେବାଲାଗି ଚୂଡ଼ାନ୍ତ କରାଯାଇଥିଲା।

# ଫେବୃଆରୀ ୯ରେ ବିକଶିତ ଓଡ଼ିଶା ଆଲୋଚନାଚକ୍ର

ରାଉରକେଲା,୩୦।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡସ୍ଥିତ ସଚେତନ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ମଞ୍ଚର ୧୧ତମ ବାର୍ଷିକୋତ୍ସବ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଇଂ. ବିମଳ କୁମାର ବିଶି ଓ ସାଧାରଣ ସମ୍ପାଦକ ପି. ପି. ରାୟଙ୍କ ଆବାହକତ୍ୱରେ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ମଞ୍ଚର ପ୍ରତିଷ୍ଠାତା ତଥା ଉପଦେଷ୍ଟା ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ଯୋଗଦାନ କରି ସୁନ୍ଦରଗଡ ଜିଲା ସମେତ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସହରରେ ମେଗା ହାଉସିଂ ପ୍ରୋଜେକ୍ଟ, ଗମନାଗମନ, ବିମାନ ବନ୍ଦର, ସ୍ୱାସ୍ଥ୍ୟ ସୁରକ୍ଷା ସହିତ ସହରର ସାମଗ୍ରିକ ବିକାଶରେ ଅତି ଆବଶ୍ୟକ ବିକାଶମୁଖି ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ପ୍ରଶାସନ ସହ ଆଲୋଚନା କରିଥିବା ପ୍ରକାଶ କରିଥିଲେ। ଏହାବ୍ୟତୀତ ସହରବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଏବଂ ଶିକ୍ଷାଭିତ୍ତିକ ସରକାରୀ ସଂସ୍ଥାନ ସ୍ଥାପନା ଉପରେ ରାୟ ସୂଚନା ପ୍ରଦାନ କରିଥିଲେ। ଏଣୁ ଉକ୍ତ ଉନ୍ନୟନମୂଳକ କାର୍ଯ୍ୟ ସାଧନ ପାଇଁ ସମସ୍ତେ ଏକାଠି ହୋଇ ଦାବି ଉଠାଇବା ଆବଶ୍ୟକ ବୋଲି ସେ କହିଥିଲେ। ପରେ ମଞ୍ଚର ୧୧ତମ ବାର୍ଷିକୋତ୍ସବ ଆସନ୍ତା ଫେବୃୟାରୀ ୯ତାରିଖରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବିକଶିତ ଓଡ଼ିଶାରେ ରାଉରକେଲାର ଭୂମିକା ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ଜଗବନ୍ଧୁ ଜେନା, ଦିଲୀପ ମହାପାତ୍ର, ରାଜୀବ ପାଣି, ଉପେନ୍ଦ୍ର କୁମାର ନାୟକ, ଶାନ୍ତନୁ କୁମାର ମୁଦାଲି, ଜେ. ଏମ୍. ପ୍ରହରାଜ, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ପି. ପି. ରାୟ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାଗଣ।

## ରାଉରକେଲା ଶିଳ୍ପୀ ସମାଜର ନୂତନ କର୍ମକର୍ତ୍ତା


ଶିଳ୍ପୀ ସମାଜର ମନୋନୀତ ନୂତନ କର୍ମକର୍ତ୍ତା।

ରାଉରକେଲା,୩୦।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିଳ୍ପୀ ସମାଜର ନୂତନ କର୍ମକର୍ତ୍ତା ଚୟନ ଓ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର-୧୯ ସ୍ଥିତ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପୀ ସମାଜ ସଭାପତି ଶରତ ଧଳ ଅଧ୍ୟକ୍ଷତା କରିଥିଲେ। ପରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ଶରତ ଧଳ ସଭାପତି, ରଶ୍ମୀ ରଞ୍ଜନ ଦାସ କାର୍ଯ୍ୟକାରୀ ସଭାପତି, ପଣ୍ଡିତ ଅଜୟ ପାଣି ଉପସଭାପତି, ପ୍ରଫୁଲ୍ଲ ମଙ୍ଗଳ ସାଧାରଣ ସମ୍ପାଦକ, ସୁଶାନ୍ତ କୁମାର ସାହୁ ସହ ସମ୍ପାଦକ, ଅମର କୁମାର ନାୟକ କୋଷାଧ୍ୟକ୍ଷ ଏବଂ ନରସିଂହ ପାଣିଗ୍ରାହୀ ସାଂସ୍କୃତିକ ସମ୍ପାଦକ ଭାବେ ମନୋନିତ ହୋଇଥିଲେ। ଗୁରୁ ଭାସ୍କର ପୁହାଣ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଗୁରୁ ପ୍ରଫୁଲ୍ଲ ମଙ୍ଗଳଙ୍କ ନିର୍ଦ୍ଦେଶନାରେ ରଶ୍ମିତା ନାୟକ, ମମତାଞ୍ଜଳୀ ଦାସ, ସଙ୍ଗୀତା ସେଲାଙ୍କି, ସୋମ ଭଟ୍ଟାଚାର୍ଯ୍ୟ, ସୁନୀତା ବିଶ୍ୱାଳ, ପୁଷ୍ପଲତା ବିଶ୍ୱାଳ, ଦିପ୍ତୀ ନାୟକ, ଦିବ୍ୟସ୍ମିତା ଦାସ, ଦ୍ରୀଷ୍ଟା ତ୍ରିପାଠୀ ହିନ୍ଦୁସ୍ତାନୀ ସଙ୍ଗୀତ ଓ ଗୁରୁ ବୀଣାପାଣି ରଥଙ୍କ ନିର୍ଦ୍ଦେଶନାରେ ମୁଲତା ଦାସ, ମୀନା ମହାନ୍ତ, ସୁମିତ୍ରା ମଲ୍ଲିକ, ଗୀତାରାଣୀ ବେହେରା ଓ ଆକାଂକ୍ଷା ମହାନ୍ତି ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ପଦ୍ମନାଭ ନାୟକ ଏବଂ ସଞ୍ଜୟ ଭଟ୍ଟାଚାର୍ଯ୍ୟ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କୁଞ୍ଜବିହାରୀ ରାଉତ, ଗୌରାଙ୍ଗ ଚନ୍ଦ୍ର ଘଡେଇ, ସସ୍ମିତା ପ୍ରଧାନ, ସ୍ମୃତିରେଖା ପଣ୍ଡା, ଶୁଚିସ୍ମିତା ଦାସ, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୩ରେ କସ୍ତୁରୀ ସାଂସ୍କୃତିକ ମହୋତ୍ସବ

ରାଉରକେଲା,୩୦।୧୧(ଦିନେଶ ମିଶ୍ର)

ରାଉରକେଲା ସହରର ନାଟ୍ୟ, ସାମାଜିକ ସାଂସ୍କୃତିକ ଅନୁଷ୍ଠାନ କସ୍ତୁରୀର ସାଂସ୍କୃତିକ ମହୋତ୍ସବ ଆସନ୍ତା ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ୧୫ ତାରିଖରେ ୩ ଜଣ ନାଟ୍ୟ ବିଶାରଦ ଭୁବନେଶ୍ୱରର ନାଟ୍ୟକାର, ଅନୁବାଦକ, ନିର୍ଦ୍ଦେଶକ, ସଙ୍ଗଠକ ଚିନ୍ମୟ ଷଡଙ୍ଗୀ, ନାଟ୍ୟକାର ନିର୍ଦ୍ଦେଶକ ଡ. ସମର ମୁଦାଲି, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଅଭିନେତା ଦ୍ୱୀପନ୍ୱିତ ଦାଶ ମହାପାତ୍ରଙ୍କୁ କସ୍ତୁରୀ ସମ୍ମାନ-୨୦୨୪ରେ ସମ୍ମାନିତ କରାଯିବ। ସେହିପରି ୧୪ ତାରିଖରେ ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁସମାଜସେବୀ ପ୍ରଶାନ୍ତ ସେଠୀଙ୍କୁ କସ୍ତୁରୀ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା 'ଚାଲ୍ ଶାନ୍ତି କିଣିବା' ର ଉନ୍ମୋଚନ ହେବା ସହ ଦିବ୍ୟାଙ୍ଗ ଓ ଆଦିବାସୀ ବାଳିକାବାଳକ ଦୁର୍ଘଟଣାମୁକ୍ତ ଭାରତ ଉପରେ କ୍ଷୁଦ୍ର ନାଟକ ଓ ନୃତ୍ୟ ନାଟିକା ମଞ୍ଚସ୍ଥ କରିବେ। ସେହିପରି ଅନୁଷ୍ଠାନର ନିଜସ୍ୱ ନାଟକ 'ଆମେ ସବୁ ମେଣ୍ଢା' ମଞ୍ଚସ୍ଥ କରାଯିବ ବୋଲି କସ୍ତୁରୀର ସମ୍ପାଦକ ରାଧାଶ୍ୟାମ ମହାନ୍ତି ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ଥାନାରେ ରକ୍ତଦାନ ଶିବିର: ୧୧୬ ୟୁନିଟ୍ ରକ୍ତ ସଂଗ୍ରହ

ରାଉରକେଲା,୩୦।୧୧(ସଙ୍ଗୀତା ଜେନା/ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ଉଦିତନଗର ଥାନାରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏସ୍‌ପି ନିତେଶ ୱାଧୱାନୀ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଜୋନାଲ ଡିଏସ୍‌ପି ନିର୍ମଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଥାନାଧିକାରୀ ନିରଞ୍ଜନ ସେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୭୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆରଜିଏଚ୍ ରକ୍ତ ଭଣ୍ଡାରର ପ୍ରମୁଖ ଡା. ପି. କେ. ଦାସ, ଲୋକନାଥ ସାହୁ, ଶୁଭେନ୍ଦ୍ର ନାୟକ, କୌଶିକ ରାଣା, ବିରେନ ସିଂହ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ପୋଲିସ କର୍ମଚାରୀ, ସମାଜସେବୀ ଓ ଆମ ପୋଲିସ ସଦସ୍ୟମାନେ ରକ୍ତଦାନ କରିଥିଲେ। ସେହିପରି ସେକ୍ଟର-୧୯ ଥାନା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାଉରକେଲା ଏସ୍‌ପି ୱାଧୱାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡିଏସ୍‌ପି ପୁଷ୍ପାଳୀ ନିନଗୀ ଉପସ୍ଥିତ ଥିଲେ। ଶିବିରରେ ୪୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଥାନାଧିକାରୀ ସାଇପ୍ରଭା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଆର୍‌ଜିଏଚ୍‌ର ଡା. ଏମ. ସୋରେନ, କୈଳାସ ଚନ୍ଦ୍ର ଖୁଣ୍ଟିଆ, ତୃପ୍ତିମୟୀ ବେହେରା, ଦିଲୀପ ପୋଥାଳ ରକ୍ତ ସଂଗ୍ରହ କରିଥିଲେ। ଆମ ପୋଲିସ ତରଫରୁ ସୁମନ ଦତ୍ତ, ମନୋଜ ସାହୁ, ନିହାର ଦାସ, ଥାନା ପକ୍ଷରୁ ଏଏସ୍‌ଆଇ ରବି ନାରାୟଣ ଦାସ, ଏଏସ୍‌ଆଇ ପି. କେ. ବାରିକ, ବିନୋଦ ବିଜୟ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

## ରାଉରକେଲା ସହରରେ ମାଗଣା ହାଟ

ରାଉରକେଲା,୩୦।୧୧(ଦିନେଶ ମିଶ୍ର)

ରାଉରକେଲା ସହରର ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ 'ଅନ୍ୱେଷା ଦି ହେଲ୍‌ପିଂ ହ୍ୟାଣ୍ଡସ' ପକ୍ଷରୁ ୧୦୭ତମ ମାସିକିଆ ମାଗଣା ହାଟ ଶନିବାର ବିରଜାପାଲି ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଫାଉଣ୍ଡର ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିରଜାପାଲ୍ଲୀ ପ୍ରାଇମେରି ସ୍କୁଲର ପ୍ରଧାନ ଶିକ୍ଷକ ରମେଶ କୁମାର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୱେଷାର ଟ୍ରଷ୍ଟି ଅର୍ଚ୍ଚନା ଦେବତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟି ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ହାଟରେ ବିଭିନ୍ନ ପ୍ରକାର ପୋଷାକପତ୍ର, ଛତା, ରେନିକୋଟ୍ ଓ ଘରୋଇ ସାମଗ୍ରୀ ସହ କମ୍ବଳ ରହିଥିଲା। ବିରଜାପାଲ୍ଲୀ ବସ୍ତିର ବୃଦ୍ଧ ଓ ଗରିବ ଶ୍ରେଣୀର ଲୋକେ ମାଗଣା ହାଟରେ ସେମାନଙ୍କ ମନ ପସନ୍ଦର ସାମଗ୍ରୀ ବିନା ମୂଲ୍ୟରେ ନେଇଥିଲେ। ସଦସ୍ୟ ରଞ୍ଜନ କୁମାର ସାହୁ, ସନ୍ତୋଷ କୁମାର ବେହେରାଙ୍କ ସମେତ ବସ୍ତିର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।



ମାଗଣା ହାଟରେ ଗରିବ ଲୋକେ ବିଭିନ୍ନ ସାମଗ୍ରୀ ନେଉଛନ୍ତି।

# ବେଆଇନ ଗୃହ ନିର୍ମାଣ ଯୋଗୁ ରାଜସ୍ୱ ହାନି

ରାଉରକେଲା,୩୦।୧୧(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ମହାନଗର ନିଗମ**



- ଡିଜାଇନ ଓ ନକ୍ସା ଅନୁମୋଦନ ନ ଥାଇ ଚାଲିଛି ଗୃହନିର୍ମାଣ
- ନୋଟିସ୍ ଜାରି କରି ଚୁପ୍ ବସିଛି ବିଭାଗ
- ସରକାରୀ ଜମି ଜବରଦଖଲ ବୃଦ୍ଧି ପାଉଛି

ସ୍ମାର୍ଟସିଟି ରାଉରକେଲା ସହରରେ ଡିଜାଇନ ଓ ନକ୍ସା ଅନୁମୋଦନ ନ ଥାଇ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ଫଳରେ ରାଉରକେଲା ମହାନଗର ନିଗମ ଏବଂ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱ ଆୟ ହାନି ହେଉଛି। ମନମୁଖି ଗୃହ ନିର୍ମାଣ ଯୋଗୁ ସହରର ସଡକ ଏବଂ ସରକାରୀ ଜାଗା ଜବରଦଖଲ ବୃଦ୍ଧି ପାଉଛି।

ରାଉରକେଲା ସହରରେ ଗୃହ ନିର୍ମାଣ କରିବା ପୂର୍ବରୁ ଏ ସମ୍ପର୍କିତ ଡିଜାଇନ ଓ ନକ୍ସାକୁ ଆର୍‌ଏମ୍‌ସିର ପ୍ଲାନିଂ ବିଭାଗ ଅନୁମୋଦନ କରିଥାଏ। ପ୍ଲାନିଂ ବିଭାଗର ଅନୁମୋଦନ ମିଳିବା ପରେ ଜମି ମାଲିକ ଡିଜାଇନ ମୁତାବକ ଘର ନିର୍ମାଣ କରିଥାନ୍ତି। ଏହି କ୍ରମରେ ୨୦୧୯ ସେପ୍ଟେମ୍ବର ୧ତାରିଖରୁ ୨୦୨୩ ସେପ୍ଟେମ୍ବର ୫ତାରିଖ ପର୍ଯ୍ୟନ୍ତ ଗୃହ ନିର୍ମାଣ ଜନିତ ଡିଜାଇନ ଓ ନକ୍ସା ଅନୁମୋଦନ ପାଇଁ ଅନ୍‌ଲାଇନରେ ୭୯୪ଟି ଆବେଦନ କରାଯାଇଥିଲା। ସେଥିରୁ ୭୭ଟି ଆବେଦନକୁ ଅନୁମୋଦନ ମିଳିଥିବା ବେଳେ ୪୨ ଆବେଦନ ଖାରଜ ହୋଇଥିଲା। ସେହିପରି ଆବଶ୍ୟକ ଶୁଳ୍କ ଡିପୋଜିଟ୍ ହୋଇ ନ ଥିବାରୁ ୧୫ ଆବେଦନକୁ ଅନୁମୋଦନ ମିଳିନାହିଁ। ସବୁଠାରୁ ଚିନ୍ତାର ବିଷୟ ହେଉଛି ଗୃହ ନିର୍ମାଣ ଡିଜାଇନ ଏବଂ ନକ୍ସା ହାସଲ କରିଥିବା ବହୁ ଆବେଦକ ପ୍ଲାନିଂ ବିଭାଗର ଡିଜାଇନ ଅନୁସାରେ ଗୃହ ନିର୍ମାଣ ନ କରି ମନମୁଖି ନିର୍ମାଣ କରିଚାଲିଛନ୍ତି। ଏଭଳି ଅଭିଯୋଗରେ ସହରର ୮୦ରୁ ୯୦ଜଣଙ୍କୁ ବିଭାଗ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନୋଟିସ ଜାରି କରାଯାଇଛି। ଏତେସତ୍ତ୍ୱେ ବି ସହରରେ ବେଆଇନ ଭାବେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ଏଣୁ ବିଭାଗୀୟ ପ୍ରଶାସନ ପକ୍ଷରୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନ କଲେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟିବ। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ସହରରେ ନିୟମ ମୁତାବକ ଗୃହ ନିର୍ମାଣ ହେଉ ନ ଥିବା ନେଇ ଆମ ପାଖରେ ବହୁ ଅଭିଯୋଗ ରହିଛି। ଏଥିସହିତ ବହୁ ଲୋକଙ୍କୁ ନୋଟିସ ମଧ୍ୟ କରାଯାଇଛି। ଆଗକୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ସ୍ଥଳେ ମାମଲାଗୁଡିକ ଆର୍‌ଡିସିଙ୍କ ଅଦାଲତକୁ ପଠାଯିବ। ଏହାପରେ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

# କବି ଭୋଗୁଥିବା ଯନ୍ତ୍ରଣା କବିତାରେ ପ୍ରକାଶିତ ହୁଏ

## ଏନ୍ଏସ୍ସିବି ମହାବିଦ୍ୟାଳୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ସମ୍ବଲପୁର,୩୦।୧୧(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍ଏସ୍ସିବି) ସରକାରୀ ମହାବିଦ୍ୟାଳୟ ସଭାକକ୍ଷରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରିପାଲ ସଭାପତିତ୍ୱ କରିଥିଲେ । ଏହି ଆଲୋଚନା ଚକ୍ରରେ ବିଶିଷ୍ଟ କବି ଓ ସାହିତ୍ୟ ସମାଲୋଚକ ସୌଭାଗ୍ୟବନ୍ତ ମହାରଣା ମୁଖ୍ୟଅତିଥି, ବିଶିଷ୍ଟ କବି ଓ ଅନୁବାଦକ ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମ ଭୋଇ ଚେୟାର ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଏବଂ ସୁପରିଚିତ ଯୁବକବି ଦୁର୍ଗାପ୍ରସାଦ ପଣ୍ଡା ଅତିଥି ବକ୍ତାଭାବେ ଯୋଗଦାନ କରିଥିଲେ। ଅତିଥିମାନେ ମା’ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।


ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ବକ୍ତା ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ପ୍ରସଙ୍ଗରେ ନିଜସ୍ୱ ମନ୍ତବ୍ୟ ପ୍ରକାଶ କରି ଅତିଥି ବକ୍ତାମାନେ କହିଥିଲେ ଯେ, କବି ହିଁ ସମାଜର ଉତ୍କଟ ହଳାହଳକୁ ନୀଳକଣ୍ଠ ଭଗବାନ ଶଙ୍କରଙ୍କ ପରି ପାନ କରିଥାନ୍ତି। ସେଥିପାଇଁ କବି ଭୋଗୁଥିବା ଯନ୍ତ୍ରଣାର କଥା ଆପଣାର କବିତାରେ ପ୍ରକାଶ କରନ୍ତି । ଯଦ୍ୱାରା କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଥାଏ । ପ୍ରକୃତ ପକ୍ଷେ ସମ୍ମାନରେ ଉପସ୍ଥିତ କବିତ୍ରୟ ନିଜର କାବ୍ୟଯାତ୍ରାର ମହାର୍ଘ ଅନୁଭବର କଥା କହି ଉପସ୍ଥିତ ଛାତ୍ରୀଛାତ୍ର ସମୁଦାୟକୁ ମନ୍ତ୍ରମୁଗ୍ଧ କରିଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରଦ୍ଧାମୟୀ ପୁରୋହିତଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସର ଶ୍ୟାମ ଭୋଇ ସ୍ୱାଗତ ଭାଷଣ ପ୍ରଦାନ ସହିତ ପାଠଚକ୍ର ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଆ ବିଭାଗର ଅନ୍ୟତମ ଅଧ୍ୟାପିକା ମେଞ୍ଜା ପୂର୍ତ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଦୁଲଭ କୁମାର ସା ଏବଂ ଆଇକ୍ୟୁଏସି ସଂଯୋଜକ ସହକାରୀ ପ୍ରଫେସର ରଘୁମଣି ନାଏକ ଆଲୋନାଚକ୍ର ଆୟୋଜନର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରୋଶନ ଭୋଇ ଅତିଥି ସମ୍ବର୍ଦ୍ଧନା କାର୍ଯ୍ୟ ସଂଯୋଜନା କରିଥିଲେ। ବିଭାଗର ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଜୟାଦେବୀ ବାବୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ବିକାଶଧାରା, ଛାତ୍ରୀ ପ୍ରଭାତୀ ପଧାନ ରମାକାନ୍ତ ରଥଙ୍କ ‘ଶ୍ରୀରାଧା: ଏକ ଅନୁଶୀଳନ’ ଏବଂ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ଭୋଜରାଣୀ ତାଣ୍ଡିଆ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ସ୍ୱରୂପ ଓ ପ୍ରଭାବ ଆଦି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ସହକାରୀ ପ୍ରଫେସର ରଶ୍ମିତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପାଠଚକ୍ର ସମ୍ପାଦକ ତଥା ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ଶାନ୍ତନୁ କୁମାର ଦାନୀଙ୍କ ସମେତ ଜୟାଦେବୀ ବାବୁ, ବିଷ୍ଣୁପ୍ରିୟା ବାରିକ, ଯମୁନା ବାଗ, ପ୍ରତ୍ୟୁଷ ସାହୁ, ଆଲୋକ ପଣ୍ଡା, ଉମା ପାତ୍ର, ନିତୁ ରୋହିଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର ହେମନ୍ତ ଖୁଟୁଲା ଘୁବୁକୁଡୁ ବାଦ୍ୟ ପରିବେଷଣ କରିଥିଲେ। କବି କମଳ ଲୋଚନ ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ।

# ସାମାଜିକ ସୁରକ୍ଷା ଜନିତ ସଞ୍ଚୟକୁ ଗୁରୁତ୍ୱ


ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ।

ସମ୍ବଲପୁର,୩୦।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକରେ ଆର୍ଥିକ ସ୍ୱାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆର୍ଥିକ ସେବା ଓ ସଞ୍ଚୟ ସଙ୍ଗଠନ ପକ୍ଷରୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଜନତ ଆର୍ଥିକ ସଞ୍ଚୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆର୍ଥିକ ସାକ୍ଷରତା ଉପଦେଷ୍ଟା ଯଦୁମଣି ପ୍ରଧନ, ଯୁଯୋମୁରା ଡାକଘର ଉପ ପୋଷ୍ଟମାଷ୍ଟର ରାଜେଶ ଧରୁଆ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଙ୍କଜିନି ପ୍ରଧାନ, ଓଡ଼ିଶା ଜୀବୀକା ମିଶନ ବ୍ଲକ ସଂଯୋଜକ ସସ୍ମିତ ବେହେରା, ଜିଲା ଆର୍ଥିକ ସାକ୍ଷରତା ଓ ସଞ୍ଚୟ ସହ ନିର୍ଦ୍ଦେଶକ ନୀଳାଞ୍ଚଳ ସେଠୀ ଯୋଗଦେଇ ଆର୍ଥିକ ସାକ୍ଷରତା ଓ ସଞ୍ଚୟ ଆଧାରିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ନିଜର କଷ୍ଟୋପାର୍ଜିତ ଧନକୁ ଡାକଘରେ ତଥା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କରେ ଜମା କରିବାକୁ କୁହାଯାଇଥିଲା। ଲୋଭନୀୟ ଆର୍ଥିକ ବୃଦ୍ଧି ନେଇ ଆସୁଥିବା ଏସ୍ଏମ୍ଏସ୍ ପ୍ରତି ସତର୍କ ରହିବା, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବା, ନଗଦ ଅର୍ଥ ବିନିଯୋଗ ନ କରି ଡିଜିଟାଲ ସେବା ଜରିଆରେ ନେଣଦେଣ କରିବା, ସର୍ବପ୍ରଥମେ ସଞ୍ଚୟ ଓ ପରେ ବ୍ୟୟଧର୍ମରେ ଦୀକ୍ଷିତ ହେବାକୁ ସେମାନେ ପରାମର୍ଶ ଦିଆଯାଇଥିଲା। ଏଥିରେ ଯୁଯୋମୁରା ବ୍ଲକର ବହୁ ସଂଖ୍ୟାରେ ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ବିନୀତ କୁମାର ପ୍ରଧାନ ଓ ବୁଲୁ ବରିହା କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର: ୨୯୦ ରୋଗୀଙ୍କ ଚିକିତ୍ସା

ରେଢାଖୋଲ,୩୦।୧୧(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ପ୍ରଭୁଜି ଇଂରାଜି ମାଧ୍ୟମ ବିଦ୍ୟାଳୟରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସତ୍ୟସାଇ ସେବା ସମିତି, ପ୍ରଭୁଜି ସ୍କୁଲ ଓ କଳିଙ୍ଗ ହସ୍ପିଟାଲର ମିଳିତ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ରେଢାଖୋଲ ଉପଖଣ୍ଡ ସମେତ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୯୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲର ୪ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ସମ୍ପର୍କିତ ପରାମର୍ଶ ଦେଇଥିଲେ। ହୃଦ୍‌ରୋଗ ବିଶେଷଜ୍ଞ ଡା.ପି.କେ.ରାଉତ, କିଡ଼ନୀ ରୋଗ ବିଶେଷଜ୍ଞ ଡା.ପ୍ରବୀର ମାଝୀ, ମେଡିସିନ ସ୍ପେଶାଲିଷ୍ଟ ଡା.ଏନ.ଏମ ପାଢୀ ଓ ଡା. ଡି.ଏମ ମହାପାତ୍ର ପ୍ରମୁଖଙ୍କ ସହ ଟେକନିସିଆନମାନେ ଯୋଗ ଦେଇଥିଲେ।

# ଦିବ୍ୟାଙ୍ଗଙ୍କୁ ଭଗବାନ ସ୍ୱତନ୍ତ୍ର ଶକ୍ତି ଦେଇଛନ୍ତି

■ ଜ୍ୟୋତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ
■ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ

ସମ୍ବଲପୁର,୩୦।୧୧(ଭବାନୀ ଶଙ୍କର ଭୋଇ)

ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଶନିବାର ସ୍ୱେଚ୍ଛାକୃତ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ଦୃଷ୍ଟିହୀନ, ମୂକ ବଧିର ଏବଂ ମାନସିକ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧନକଉଡ଼ା ବୀର ସୁରେନ୍ଦ୍ର ସାଏ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଖାବସ୍ତା ଦୌଡ଼, ମ୍ୟୁଜିକାଲ ଚେୟାର, ଗଣିତ, ବାସ୍କେଟବଲ ଫିଙ୍ଗା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବୁର୍ଲାସ୍ଥିତ ସରକାରୀ ଦୃଷ୍ଟିହୀନ


ବୁର୍ଲାଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ର ।

ଓ ମୂକ ବଧିର ବିଦ୍ୟାଳୟରେ ଦୃଷ୍ଟିହୀନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଟଙ୍କା ଗଣିବା, ସଙ୍ଗୀତ ଏବଂ ମୂକ ବଧିର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦିବ୍ୟାଙ୍ଗ ମାନଙ୍କ ଭିତରେ ଭଗବାନ ସ୍ୱତନ୍ତ୍ର ଶକ୍ତି ପ୍ରଦାନ କରିଥିବା ବୀର ସୁରେନ୍ଦ୍ର ସାଏ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ଅଧ୍ୟକ୍ଷ ବ୍ରଜବନ୍ଧୁ ସାହୁ କହିଥିଲେ। କାଳୀ ଚରଣ ପାଢ଼ୀ, ରଶ୍ମି ରଞ୍ଜନ ଶତପଥୀ, ସୁଷମା ସାହୁ, ରଶ୍ମିତା ପରିଡା, ସନ୍ଧ୍ୟାରାଣୀ ମିଶ୍ର, ଜ୍ୟୋତି ଅନୁଷ୍ଠାନ ସଭାପତି ଡ଼ ପରେଶ ଚନ୍ଦ୍ର ଦାନୀ, ସଂଯୋଜକ କଳ୍ପନା ମିଶ୍ର, ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ତାପସ କୁମାର ଦାସ, ରନଭୂଷଣ ପୃଷ୍ଟେଠ, ଶାନ୍ତନୁପାଢ଼ୀ ପ୍ରତିଯୋଗିତାଆୟୋଜନରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ଜ୍ୟୋତି ପକ୍ଷରୁ ଆୟୋଜିତ ହେବାକୁ ଥିବା ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ସଭାପତି ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ଏକ ଅପରାଧ

ସମ୍ବଲପୁର,୩୦।୧୧(ବି.ଶଙ୍କର)

ବିଦ୍ୟୁତ୍ ବ୍ୟବହାର କରି ବନ୍ୟଜନ୍ତୁ ଶିକାର କରିବା ଦୃଷ୍ଟାନ୍ତ ଦିନକୁଦିନ ବଢିବାରେ ଲାଗିଛି। ବିତରକ କମ୍ପାନୀ ହିସାବରେ ଟିପିଡବ୍ଲୁଓଡିଏଲ ଜନସାଧାରଣଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ପଶ୍ଚିମ ଓଡ଼ିଶାର ୪୭ହଜାର ବର୍ଗ କିଲୋମିଟର ଭୌଗଳିକ ପ୍ରାନ୍ତରେ ଭିତ୍ତିଭୂମି ବଢାଇଛି। ବିଦ୍ୟୁତ୍ ଯୋଗାଣ ଜଙ୍ଗଲ ମଧ୍ୟ ଦେଇ ଟଣାଯାଇଛି। ଏହାର ସୁଯୋଗ ନେଇ କେତେକ ଅସାଧୁ ବ୍ୟକ୍ତି ସେହି ଲାଇନରେ ହୁକ ପକାଇ ଜଙ୍ଗଲରେ ତାର ବିଛାଇ ବନ୍ୟଜନ୍ତୁ ଶିକାର କରୁଥିବା କମ୍ପାନୀ ଦୃଷ୍ଟିକୁ ଆସିଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହର ସୁଯୋଗ ନେଇ ଯଦି କୌଣସି ବ୍ୟକ୍ତି ଅନୈତିକ କାର୍ଯ୍ୟରେ ଲିପ୍ତ ରହନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ ଦାୟିତ୍ୱ। ଜୀବନ୍ତ ବିଦ୍ୟୁତ୍ ତାରରେ ହୁକ ପକାଇବା କେବଳ ଆଇନ ଅନୁଯାଇ ଦଣ୍ଡନୀୟ ନୁହେଁ, ବରଂ ଏକ ବିପଦପୂର୍ଣ୍ଣ କାର୍ଯ୍ୟ । ଏହାଦ୍ୱାରା ମଣିଷ ଜୀବନ ମଧ୍ୟ ବିପଦମୁଖରେ ପଡୁଛି। ବିତରକ କମ୍ପାନୀ ପକ୍ଷରୁ ଗ୍ରାମାଞ୍ଚଳ ଲୋକଙ୍କ ଅବଗତି ନିମନ୍ତେ ସଚେତନତା ବାର୍ତ୍ତାର ପ୍ରଚାର ପ୍ରସାର କରାଯାଉଛି। ଏହା ସତ୍ତ୍ୱେ ଅସାଧୁ ବ୍ୟକ୍ତିମାନେ ଆଇନକୁ ବେଖାତିର କରି ଏହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ମାନବ ସମାଜର ଉନ୍ନତି ସହିତ ପରିବେଶର ସୁରକ୍ଷା ଜରୁରୀ । ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁଙ୍କୁ ସୁରକ୍ଷିତ ରଖିବା ମଧ୍ୟ ଆଉ ଏକ ଗୁରୁଦାୟିତ୍ୱ। ତେଣୁ ଏହିପରି ଅମୂଲ୍ୟ ପ୍ରାକୃତିକ ସମ୍ପଦର ରକ୍ଷଣାବେକ୍ଷଣା ଆମର ଦାୟିତ୍ୱ। ତେଣୁ ଆଗାମୀ ଦିନରେ ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତା, ସମାଜର ପ୍ରତ୍ୟେକ ବର୍ଗ ଏହି ସାମାଜିକ ସୁରକ୍ଷା ପ୍ରତି ଧ୍ୟାନ ଦେବା ଜରୁରୀ। ଏହିପରି ଆପରାଧିକ କାର୍ଯ୍ୟରେ ଲିପ୍ତ ନ ରହିବା ନିମନ୍ତେ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବା ଆବଶ୍ୟକ। କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତିସମୂହ ଏହିପରି କାର୍ଯ୍ୟ କରୁଥିବା ଯୋଜନା ନଜରକୁ ଆସିଲେ ଏହାର ସୂଚନା ଜଙ୍ଗଲ ବିଭାଗ, ପୋଲିସ ଏବଂ ବିଦ୍ୟୁତ୍ ବିତରକ କମ୍ପାନୀକୁ ଠିକଣା ସମୟରେ ଜାଣିବାକୁ ବୁର୍ଲାସ୍ଥିତ ଟିପିଡବ୍ଲୁଓଡିଏଲ ମୁଖ୍ୟାଳୟର ଜନ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିବୃତିରେ ସୂଚିତ କରାଯାଇଛି।

# ୪୮ ଶିକ୍ଷୟିତ୍ରୀ ନେଲେ ଆତ୍ମରକ୍ଷା ତାଲିମ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

କୁଚିଣ୍ଡା,୩୦।୧୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗିତା ପଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରୁ ୧୫ ଜଣ ଲେଖାଏ ୪୫ଜଣ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ତଥା ସିଆରସିସି ଲକ୍ଷ୍ମଣ କୁମାର ଦେହୁରୀଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ ଓ ପ୍ରମୋଦ କୁମାର ନାଏକ, କୁଚିଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଚୌଧୁରୀ, ସହକାରୀ ଶିକ୍ଷୟିତ୍ରୀ କମଳିନୀ ପରିଡା ଅତିଥିଭାବେ ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କେଶାଇବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ବିରାଜିନୀ ପ୍ରଧାନ, ଜରାବଗା ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ରୀତା ପଟେଲ ଓ ଗଡପୋଷ ସହକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ଲିଲିମା ଦାସ ସାଧନ କର୍ମୀ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ର ଜୀବନ ଶୃଙ୍ଖଳିତ ହେବା ଜରୁରୀ

## ଇଣ୍ଡିଆନ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ ପ୍ରତିବିମ୍ବ

ସମ୍ବଲପୁର,୩୦।୧୧(ବି.ଶଙ୍କର)

ସମ୍ବଲପୁରର କ୍ଷେତରାଜପୁରରେସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ପ୍ରତିବିମ୍ବ –୨୪ ଶୁକ୍ରବାର ରାତିରେ ପାଳିତ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି, ହୀରାକୁଦ ହିଣ୍ଡାଲକୋ ପାୱାର ପ୍ଲାଣ୍ଟର ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଞ୍ଜିନିୟର ଅରୁଣ କୁମାର ସିଂହ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ର ଜୀବନ ଶୃଙ୍ଖଳିତ ହେବ ଜରୁରୀ। ପ୍ରତ୍ୟେକ କ୍ଷେତ୍ରରେ ଶୃଙ୍ଖଳିତ ବିଦ୍ୟାର୍ଥୀମାନେ ଶିଖରକୁ ସ୍ପର୍ଶ କରିଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂସ୍ଥାପକ ଓ ପ୍ରବନ୍ଧ ନିର୍ଦ୍ଦେଶକ କେଶବ ଡାଲମିଆ, ଅଧକ୍ଷା ସୁମନ ଡାଲମିଆ ଓ ନିର୍ଦ୍ଦେଶକ ଅନୁରାଗ ଡାଲମିଆ ଉତ୍ସବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଅର୍ପଣ କରିଥିଲେ। ପ୍ରିନ୍ସିପାଲ ସଚିନ ପାଠକ ଛାତ୍ରୀଛାତ୍ରଙ୍କୁ ଲେଖନ କୌଶଳ ଓ ଅଭ୍ୟାସରେ ଭଲ ହେବାକୁ ପ୍ରେରଣା ଦେଇଥିଲେ। ବାର୍ଷିକ ରିପୋର୍ଟ ପ୍ରସ୍ତୁତ ସମୟରେ ସ୍କୁଲର ପରିଣାମ ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ଶ୍ରେଷ୍ଠ ହେବାକୁ ଉଲ୍ଲେଖ କରିଥିଲେ। ପ୍ରବନ୍ଧ ନିର୍ଦ୍ଦେଶିକା ଅନୁରାଧା ଅଗ୍ରୱାଲ ବିଦ୍ୟାଳୟର ସଫଳତାକୁ ବାଖ୍ୟା କରି ଛାତ୍ରୀଛାତ୍ରଙ୍କ ପ୍ରତି ଶୁଭକାମନା ଜଣାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ଆରମ୍ଭ ଗଣେଶ ବନ୍ଦନାରେ ହୋଇଥିଲା । ପ୍ରି–ପ୍ରାଇମେରୀ ଛାତ୍ରମାନଙ୍କ ଜୋଲିଜମ୍ପର ଓ ଡିସ୍କୋ ନିଞ୍ଜା ଏବଂ ଜୁନିୟର ଛାତ୍ରମାନଙ୍କ ସମ୍ବଲପୁରୀ ନୃତ୍ୟ ଦେଖି ଅଭିଭାବକ ମନ୍ତ୍ରମୁଗ୍ଧ ହୋଇଥିଲେ। ସିନିୟର ଛାତ୍ରମାନଙ୍କର ହାଣ୍ଡ ଫର୍ମେସନ, ଓଡିଶୀ ଓ ଚକ୍ ଦେ ଇଣ୍ଡିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସେହିପରି ଲଘୁ ନାଟକ ବାଗବାନର ଅଭିନୟ ସମୟରେ ଦର୍ଶକମାନେ ଭାବୁକ ହୋଇଥିଲେ।


କ୍ଷେତରାଜପୁରସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ପ୍ରତିବିମ୍ବ–୨୪ରେ ମଞ୍ଚାସୀନ ଅତିଥି ।

# ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୨ ଉଦ୍‌ଯାପିତ


ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗାରେ ଅତିଥିଙ୍କ ସହ ଚିତ୍ରଶିଳ୍ପୀମାନେ ।

## ବିଭିନ୍ନ ଜିଲାର ମହିଳା ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ

ସମ୍ବଲପୁର,୩୦।୧୧(ବି.ଶଙ୍କର)

ବନ୍ଦନା ଆର୍ଟ କର୍ନର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା–୨ ସମ୍ବଲପୁର ବଡବଜାର ଗୌରିଶଙ୍କର ସାହାଣୀ ପାର୍କସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରିରେ ଶନିବାର ଉଦଯାପିତ ହୋଇଛି। ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ମୁଖ୍ୟ ଅତିଥି, ଚଳଚିତ୍ର ଅଭିନେତ୍ରୀ ଡ. ତପସ୍ୱିନୀ ଗୁରୁ ମୁଖ୍ୟବକ୍ତା ଅବସରପ୍ରାପ୍ତ ଅର୍ଥ ଅଧିକାରୀ ପ୍ରଭାତୀ ସେଠ ସମ୍ମାନୀତ ଅତିଥି ଏବଂ ବରିଷ୍ଠ ଚିତ୍ରଶିଳ୍ପୀ ଭୋଲାନାଥ ନାୟକ ନିମନ୍ତ୍ରୀତ ବକ୍ତାଭାବେ ଯୋଗଦେଇଥିଲେ। ସପ୍ତରଙ୍ଗର ମିଶ୍ରଣ ଏବଂ ଶୁକ୍ଷ୍ମତୂଳୀର ସ୍ପର୍ଶରେ କାନଭାସରେ ଜୀବନ୍ତ ହୋଇ ଉଠିଥାଏ । ଏହି ଜୀବନ୍ତ ହୋଇ ଉଠିଥିବା ଚିତ୍ରକଳାରେ ଚିତ୍ରକରଙ୍କ ଏକାଗ୍ରତା, କଠିନ ପରିଶ୍ରମ ଏବଂ ଧର୍ଯ୍ୟ ନିହିତ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ଅନୁଷ୍ଠାନ ଅଧକ୍ଷା ବନ୍ଦନା ପଣ୍ଡା ଅତିଥି ପରିଚୟ ସ୍ୱାଗତ କରିବା ସହ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା –୨ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିପରି କାର୍ଯ୍ୟକ୍ରମକୁ ସାଂସ୍କୃତିକା ପୁରୋହିତ ସଂଯୋଜନା କରିଥିଲେ। ଦୁର୍ଗା–୨ ପ୍ରଦର୍ଶନୀରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ନମିତା ସାହୁ, ନିବେଦିତା ପଟ୍ଟନାୟକ, ରଞ୍ଜିତା ମିଶ୍ର, ତିନୀମା ପାତ୍ର, ଶ୍ୱେତପଦ୍ମା ମାଝୀ, ମନସ୍ୱିନୀ ମହାରଣା, ବନ୍ଦିନୀ ପଣ୍ଡା, ମାଳା ସାହୁ, ଲିନା ମେହେର, ତପସ୍ୱିନୀ ବାରିକ, ଡ. ନମିତା ବଡ଼ପଣ୍ଡା, ନିବେଦିତା ଦାସ, ଅନୁଭା ମୁଣ୍ଡା, ତପସ୍ୱିନୀ ଗଉଡ, ପ୍ରୀତିଶ୍ମା ସିଂ, ଅଙ୍କିତା ଜାଲ, ଅଲୁଷା ବେହେରା, ଅନୁରାଧା ବେହେରା, ସଞ୍ଜୀବନୀ ପାଣିଗ୍ରାହୀ, ନୀତୁ ଶର୍ମା, ସୁଦିତି ଶତପଥୀ, ପ୍ରୀତି ବାରିକ, କଲ୍ୟାଣୀ ନାୟକ, ମାହି ଯାଦବ, ମଧୁ ପଣ୍ଡିତ, ଜେମିନି ମଣ୍ଡୁଳି ପ୍ରମୁଖଙ୍କ କଳାକୃତି ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ରାଜୀବ ପଣ୍ଡା, ପ୍ରଶାନ୍ତ ମାଝି, ବିଦ୍ୟାପତି ପ୍ରଧାନ, ନୈତିକ ଲାଲ ବାରିକ , ସମୀର ମହାରଣା ସହଯୋଗ କରିଥିଲେ। ଏହି ପ୍ରଦର୍ଶନୀରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ କେବଳ ମହିଳାମାନଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରଙ୍ଗୋଲି ଓ ମେହେନ୍ଦି ପ୍ରତିଯୋଗୀତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲେ ।

